ଆଜି - ଗୁରୁବାର
ତାରିଖ - ୨୮ ମଇ ୨୦୨୬
ମାସ - ବୃଷ, ଦିନ - ୧୪
ତିଥି - ଦ୍ୱାଦଶୀ , ପକ୍ଷ- ଶୁକ୍ଳ
ନକ୍ଷତ୍ର - ଚିତ୍ରା, ତୁଳା ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୧: ୦୦
ସୂର୍ଯ୍ୟାସ୍ତ - ୬ : ୧୭ : ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ମହାନ ବ୍ୟକ୍ତିମାନଙ୍କ ପାଇଁ ଧର୍ମ ବନ୍ଧୁତ୍ୱ ସୃଷ୍ଟି କରିବାର ଏକ ମାଧ୍ୟମ; ନୀଚ ଲୋକମାନେ ଧର୍ମକୁ ଏକ ଲଢ଼େଇ କରିବାର ଉପକରଣରେ ପରିଣତ କରିଥାନ୍ତି ।"
- ଡ. ଏପିଜେ ଅବ୍ଦୁଲ୍ କଲାମ୍


E-News : www.Ajikali epaper.com

Vol.- 41 ISSUE- 44 R.N.I. REGD. No. 44026/86 ବାଲେଶ୍ୱର ୨୮ ମଇ ୨୦୨୬ ଗୁରୁବାର BALASORE 28 MAY 2026 THURSDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ୫୧ତମ ପ୍ରଗତି ବୈଠକରେ ଅଧ୍ୟକ୍ଷତା କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ପ୍ରଗତିର ୫୧ତମ ବୈଠକର ଅଧ୍ୟକ୍ଷତା କରିଥିଲେ, ଯାହା ଆଇସିଟି-ସକ୍ଷମ, ବହୁମୁଖୀ ପ୍ଲାଟଫର୍ମ... ଆଜି ପୂର୍ବାହ୍ଣରେ ସେବା ତୀର୍ଥରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପ୍ରୟାସକୁ ସୁଗମ ଭାବରେ ସମନ୍ୱିତ କରି ସକ୍ରିୟ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ । ବୈଠକ ସମୟରେ, ପ୍ରଧାନମନ୍ତ୍ରୀ ପ୍ରାୟ ୩୦,୦୦୦ କୋଟି ମୂଲ୍ୟର ନଅଟି ରାଜ୍ୟକୁ ଅନ୍ତର୍ଭୁକ୍ତ କରୁଥିବା ରେଳ, ବିଦ୍ୟୁତ୍ ଏବଂ ସଡ଼କ କ୍ଷେତ୍ରରେ ସାତଟି ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ପ୍ରକଳ୍ପ ସମୀକ୍ଷା କରିଥିଲେ । ଅର୍ଥନୈତିକ ଅଭିବୃଦ୍ଧି ଏବଂ ଜନ କଲ୍ୟାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଏହି ପ୍ରକଳ୍ପଗୁଡ଼ିକର ସମୀକ୍ଷା ସମୟସୀମା, ଆନ୍ତଃ-ଏଜେନ୍ସି ସମନ୍ୱୟ ଏବଂ ସମୟାନୁବର୍ତ୍ତୀ ସମସ୍ୟା ସମାଧାନ ଉପରେ ଧ୍ୟାନ ଦେଇ କରାଯାଇଥିଲା । ପ୍ରଧାନମନ୍ତ୍ରୀ କେନ୍ ବେତୱା ଲିଙ୍କ୍ ପ୍ରକଳ୍ପ ଏବଂ ସ୍ୱଚ୍ଛ ଭାରତ ମିଶନ-ସହରା*ଳ ୨.୦ ମଧ୍ୟ ସମୀକ୍ଷା କରିଥିଲେ ।ବିଦ୍ୟୁତ୍ କ୍ଷେତ୍ର ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବା ସମୟରେ, ପ୍ରଧାନମନ୍ତ୍ରୀ ସହରା*ଳରେ ଛାତ ଉପରେ ସୌରଶକ୍ତି ଗ୍ରହଣକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ, ବିଶେଷ କରି ସହର, ଆବାସିକ କ୍ଲଷ୍ଟର ଏବଂ ସରକାରୀ ପ୍ରତିଷ୍ଠାନ ଉପରେ ଧ୍ୟାନ ଦିଆଯାଇଥିଲା । ସେ ଜୋର ଦେଇଥିଲେ ଯେ ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ କରିବା, ଶକ୍ତି ସୁରକ୍ଷାକୁ ଉନ୍ନତ କରିବା ଏବଂ ପରିବାର ଏବଂ ସମ୍ପ୍ରଦାୟ ସ୍ତରରେ ସ୍ୱଚ୍ଛ ଶକ୍ତିକୁ ପ୍ରୋତ୍ସାହିତ କରିବା ପାଇଁ ଛାତ ଉପରେ ସୌରଶକ୍ତିକୁ ମିଶନ ମୋଡରେ ଗ୍ରହଣ କରାଯିବା ଉଚିତ । ରାସ୍ତା ଏବଂ ବନ୍ଦର ସଂଯୋଗୀକରଣ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରିବା ସମୟରେ, ଭାଧବନ ବନ୍ଦରକୁ ବନ୍ଦର-ନେତୃତ୍ୱାଧୀନ, ବହୁ-ମୋଡାଲ ବିକାଶର ଏକ ମଡେଲ ଭାବରେ ବିକଶିତ କରାଯିବା ଉଚିତ, ଯେଉଁଠାରେ ପରିବହନର ପ୍ରତ୍ୟେକ ପ୍ରମୁଖ ପଦ୍ଧତିକୁ ଏକ ଭବିଷ୍ୟତ ପାଇଁ ପ୍ରସ୍ତୁତ ଲଜିଷ୍ଟିକ୍ସ ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ ସୁଗମ ଭାବରେ ସଂଯୁକ୍ତ କରାଯିବା ଉଚିତ । ଏହି ପ୍ରକଳ୍ପକୁ କେବଳ ଏକ ବନ୍ଦର ଭାବରେ ଦେଖାଯିବା ଉଚିତ୍ ନୁହେଁ, ବରଂ ଉପକୂଳ ଜାହାଜ ଚଳାଚଳ, ଅନ୍ତର୍ଦେଶୀୟ ଜଳପଥ, ସମର୍ପିତ ମାଲ ପରିବହନ କରିଡର, ଉଚ୍ଚ-ଗତି ରେଳ ସଂଯୋଗୀକରଣ, ରାଜପଥ ଏବଂ ବିମାନବନ୍ଦର ସଂଯୋଗୀକରଣ ମାଧ୍ୟମରେ ସଂଯୁକ୍ତ ଏକ ଜାତୀୟ ପ୍ରବେଶପଥ ଭାବରେ ଦେଖାଯିବା ଉଚିତ୍ । ପ୍ରଧାନମନ୍ତ୍ରୀ ସ୍ୱଚ୍ଛ ଭାରତ ମିଶନ ୨.୦ ର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ରେଖାଙ୍କିତ କରିଥିଲେ ଯେ ମିଶନ ଭିତିଭୂମି ସୃଷ୍ଟିରୁ ଆଗକୁ ବଢ଼ି ନିୟମିତ ତଦାରଖ, ନାଗରିକ ଅଂଶଗ୍ରହଣ ଏବଂ ବିଭିନ୍ନ ଅଂଶୀଦାରଙ୍କ ମଧ୍ୟରେ ସମନ୍ୱୟ ମାଧ୍ୟମରେ ମାପଯୋଗ୍ୟ ଫଳାଫଳ ସୁନିଶ୍ଚିତ କରିବା ଉଚିତ । ସେ ରାଜ୍ୟଗୁଡ଼ିକୁ ବର୍ଜ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ ଏବଂ ଗୋବର୍ଦ୍ଧନ ପ୍ଲାଣ୍ଟ ସମେତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ବନ୍ଧୀୟ ଭିତିଭୂମିର ସମାପ୍ତିକୁ ତ୍ୱରାନ୍ୱିତ କରିବାକୁ କହିଥିଲେ । କେନ୍-ବେତୱା ନଦୀ ଆନ୍ତଃସଂଯୋଗ ପ୍ରକଳ୍ପର ସମୀକ୍ଷା କରିବା ସମୟରେ, ପ୍ରଧାନମନ୍ତ୍ରୀ କହିଥିଲେ ଯେ କେନ୍-ବେତୱା ପ୍ରକଳ୍ପ ସହଯୋଗ, ସମୟୋଚିତ ମଞ୍ଜୁରୀ, ପ୍ରଯୁକ୍ତିବିଦ୍ୟା-ଆଧାରିତ ତଦାରଖ ଏବଂ ମିଶନ-ମୋଡ୍ କାର୍ଯ୍ୟାନ୍ୱୟନ ମାଧ୍ୟମରେ ଆନ୍ତଃରାଜ୍ୟ ଜଳ ସମସ୍ୟାର ସମାଧାନ ପାଇଁ ଅନ୍ୟ ରାଜ୍ୟଗୁଡ଼ିକ ପାଇଁ ଏକ ମଡେଲ ଭାବରେ କାର୍ଯ୍ୟ କରିବା ଉଚିତ । ପ୍ରଧାନମନ୍ତ୍ରୀ ଏହା ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ସ୍ୱଚ୍ଛ ବିଦ୍ୟୁତ୍ ଉତ୍ପାଦନ ପାଇଁ କେନାଲ ଏବଂ କେନାଲ ଉପରେ ସୌର ପ୍ୟାନେଲ ସ୍ଥାପନ ସମେତ କେନାଲ ନେଟୱାର୍କର ଅଭିନବ ବ୍ୟବହାର ଅନୁସନ୍ଧାନ କରାଯିବା ଉଚିତ । ଏହା ଭୂମି ବ୍ୟବହାରକୁ ଉନ୍ନତ କରିବା, ବାଷ୍ପୀଭବନ କ୍ଷତି ହ୍ରାସ କରିବା, ନବୀକରଣୀୟ ଶକ୍ତି ଉତ୍ପାଦନ କରିବା ଏବଂ ଜଳ ଭିତିଭୂମିରୁ ଅତିରିକ୍ତ ଆର୍ଥିକ ମୂଲ୍ୟ ସୃଷ୍ଟି କରିବାରେ ସାହାଯ୍ୟ କରିବ ।

## ପାରାଦୀପରେ ଜେଏସଡବ୍ଲ୍ୟୁ ଷ୍ଟିଲ୍ ପ୍ଲାଂଟର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର : ଓଡ଼ିଶାର ଶିଳ୍ପ ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ପାରାଦୀପର ଏରସମା ଅ*ଳରେ ଔଝଡ ଝସ୍ୱରରକ୍ଷ ର ମେଗା ଇଂଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଂଟର ବ୍ଲାଷ୍ଟଫ ?ନେସ୍ ନିର୍ମାଣ କାର୍ଯ୍ୟ ଆଜି ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି ।ଏହି ଅବସରରେ ପାରାଦୀପର ଢ଼ିଙ୍କିଆ ଅଂଚଳରେ ଆୟୋଜିତ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ କରିବା ସହିତ ଓଡ଼ିଶାକୁ ଦେଶର 'ଷ୍ଟିଲ୍ ରାଜଧାନୀ' ଭାବେ ଗଢ଼ିତୋଳିବାକୁ ରାଜ୍ୟ ସରକାରଙ୍କ ଦୃଢ଼ ସଂକଳ୍ପ ପ୍ରକାଶ କରିଛନ୍ତି । ସୂଚନା ଯୋଗ୍ୟଯେ, ଏହି ପ୍ରକଳ୍ପରେ ଔଝଡ ଝସ୍ୱରରକ୍ଷ ପକ୍ଷରୁ ସମୁଦାୟ ୧ ଲକ୍ଷ ୨୫ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ, ଯାହା ଓଡ଼ିଶା ଇତିହାସରେ ସର୍ବବୃହତ୍ । ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଅତ୍ୟାଧୁନିକ ପ୍ଲାଂଟରୁ ବାର୍ଷିକ ପ୍ରାୟ ୨୪ ମିଲିଅନ୍ ଟନ୍ ଷ୍ଟିଲ୍ ଉତ୍ପାଦନ ହେବା ସହ ଏଠାରେ ୧୨ ମିଲିଅନ୍ ଟନର ଏକ ସିମେଂଟ ପ୍ଲାଂଟ, ୯୦୦ ମେଗାୱାଟର କାପ୍ ?ଟିଭ୍ ପାୱାର ସିଷ୍ଟମ୍ ଏବଂ ଏକ ସ୍ୱତନ୍ତ୍ର ଜେଟି ମଧ୍ୟ ନିର୍ମାଣ କରାଯିବ । ଔଝଡ ଗ୍ରୁପ୍‌ର ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଏବଂ ଜାପାନର ସହଯୋଗୀ କମ୍ପାନୀ ଔର୍‌ର ଝସ୍ୱରରକ୍ଷ ର ବରିଷ୍ଠ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ କମ୍ପାନୀକୁ ସମସ୍ତ ପ୍ରକାର ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ମ*ରୁ ଆଶ୍ୱାସନା ଦେଇଛନ୍ତି ।

ଅଭିଭାଷଣରେ ପୂର୍ବ ସରକାରଙ୍କୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେଉଁ ପ୍ରକଳ୍ପ ପାଇଁ ଜନସାଧାରଣ ଦୁଇ ଦଶନ୍ଧି ଧରି ଅପେକ୍ଷା କରିଥିଲେ ଏବଂ ଦୁଇ ବର୍ଷ ତଳେ ଯାହାର କେବଳ ତରତରିଆ ଶିଳାନ୍ୟାସ କରାଯାଇଥିଲା, ତାହାକୁ ନୂତନ 'ଡବଲ ଇଞ୍ଜିନ' ସରକାର ଆସିବା ପରେ ଫାଷ୍ଟ-ଟ୍ରାକ୍ ମୋଡ୍‌ରେ କାର୍ଯ୍ୟକାରୀ କରାଯାଇଛି । ପୂର୍ବ ଗତିରେ କାମ ଚାଲିଥିଲେ ଯେଉଁ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ୨୦୨୮ ମସିହାରେ ଆରମ୍ଭ ହୋଇଥାନ୍ତା, ବର୍ତ୍ତମାନ ସେହି ୨୦୨୮ ସୁଦ୍ଧା ନିର୍ମାଣ ସମ୍ପୂର୍ଣ୍ଣ ହୋଇ ଷ୍ଟିଲ୍ ଉତ୍ପାଦନ ଆରମ୍ଭ ହେବ ବୋଲି ସେ ଟାଇମଲାଇନ୍ ଗ୍ୟାରେଂଟି ଦେଇଛନ୍ତି । ସରକାରଙ୍କ ଏହି ଦ୍ରୁତ କାର୍ଯ୍ୟଶୈଳୀର ଉଦାହରଣ ଦେଇ ସେ ଖୋର୍ଦ୍ଧାର ଟ୍ରାଇମେଟ୍ରୋ ଗାର୍ମେଂଟସର ସଫଳତା ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି, ଯେଉଁଠାରେ ଶିଳାନ୍ୟାସର ବର୍ଷକ ମଧ୍ୟରେ ଉତ୍ପାଦନ ଆରମ୍ଭ ହୋଇସାରିଛି । ଓଡ଼ିଶାର ବୈଦେଶିକ ଶିଳ୍ପ ଭାଗିଦାରୀକୁ ନେଇ ମୁଖ୍ୟମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି । ଜାପାନର ଔର୍‌ର ଷ୍ଟିଲ୍ ସହଯୋଗରେ ଝାରସୁଗୁଡ଼ାରେ ଚାଲିଥିବା ୩୦ ହଜାର କୋଟି ଟଙ୍କାର ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ସହ ସେ କହିଛନ୍ତି ଯେ, ଜାପାନ ସହ ଆଲୋଚନା ଅନୁଯାୟୀ ଖୁବ୍ ଶୀଘ୍ର ଓଡ଼ିଶା ଏବଂ ଜାପାନର 'ତୋତୋରି' ରାଜ୍ୟ ମଧ୍ୟରେ ଭଗିନୀ ରାଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବ । ଏହାଦ୍ୱାରା ଓଡ଼ିଶାର ଶିଳ୍ପ, ପର୍ଯ୍ୟଟନ ଏବଂ ଶିକ୍ଷା କ୍ଷେତ୍ରରେ ଜାପାନ ବ୍ୟାପକ ପୁଞ୍ଜି ନିବେଶ କରିବ । ଏହି ସମାରୋହରେ ଜଗତସିଂହପୁର ସାଂସଦ ଡକ୍ଟର ବିଭୁପ୍ରସାଦ ତରାଇ, ବାଲିକୁଦା-ଏରସମା ବିଧାୟକ ଶ୍ରୀଯୁକ୍ତ ସାରଦା ପ୍ରସନ୍ନ ଜେନା ଏବଂ ଜଗତସିଂହପୁର ବିଧାୟକ ଶ୍ରୀଯୁକ୍ତ ଅମରେନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହା ସହିତ ରାଜ୍ୟ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଜଗତସିଂହପୁର ଜିଲ୍ଲାପାଳ ଶ୍ରୀ ଜେ. ସୋନାଲ, ଜେଏସଡବ୍ଲୁର ଅଧ୍ୟକ୍ଷ ଶ୍ରୀ ସଜ୍ଜନ ଜିନ୍ଦଲ, ଔଝଡ ର ସିଇଓ ଜୟନ୍ତ ଆଚାର୍ଯ୍ୟ ଏବଂ ଜେଏସଡବ୍ଲୁର ସଭାପତି ଅନିଲ କୁମାର ସିଂହ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ ।



## ସୀମା ସୁରକ୍ଷା ସୁଦୃଢ଼ୀକରଣ କାର୍ଯ୍ୟର ସମୀକ୍ଷା କଲେ ଅମିତ ଶାହ

କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ରାଜସ୍ଥାନର ବିକାନେରରେ ଏକ ଉଚ୍ଚସ୍ତରୀୟ ସୁରକ୍ଷା ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ, ଯେଉଁଥିରେ ଭାରତ-ପାକିସ୍ତାନ (ଆଇ.ପି.ବି.) ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକ ସହ ଜଡ଼ିତ ସୁରକ୍ଷା ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକର ବ୍ୟାପକ ଆକଳନ କରାଯାଇଥିଲା । ଏହି ବୈଠକରେ ରାଜସ୍ଥାନର ମୁଖ୍ୟମନ୍ତ୍ରୀ, ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ, ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ୫ଟି ସୀମାନ୍ତ ଜିଲ୍ଲା- ବିକାନେର, ଜୈସଲମେର, ବାରମେର, ଶ୍ରୀ ଗଙ୍ଗାନଗର, ଫଲୋଦିର ପୋଲିସ ଅଧୀକ୍ଷକମାନେ ଯୋଗ ଦେଇଥିଲେ । ଏହି ବୈଠକରେ ରାଜ୍ୟ ସରକାରଙ୍କ ଅଧିକ ସମନ୍ୱୟ ସହିତ ବର୍ଦ୍ଧିତ ଏବଂ ବ୍ୟାପକ ସୀମା ପରିଚାଳନା ଉପରେ ଧ୍ୟାନ ଦିଆଯାଇଥିଲା । କନ୍ଦ୍ର ଗୃହମନ୍ତ୍ରୀ ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କୁ ସମସ୍ତ ବ୍ୟାଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଆଇନଗତ ଏବଂ ଆର୍ଥିକ ଅନୁପାଳନ ସୁନିଶ୍ଚିତ କରିବା, ପ୍ରମୁଖ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକର ଯାଂଚ, ସେମାନଙ୍କ ପାଣ୍ଠି ଉତ୍ସଗୁଡ଼ିକର ଯାଂଚ, ବେନାମୀ ଆକାଉଂଟ ଏବଂ ନକଲି କମ୍ପାନୀଗୁଡ଼ିକର ଟ୍ରାକିଂ, ନକଲି ଆଧାର କାର୍ଡ ଚିହ୍ନଟ ଏବଂ ଚୋରାଚାଲାଣ ରୋକିବା ଭଳି ବର୍ଦ୍ଧିତ ଦାୟିତ୍ୱ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।



## ଏମପିଇଡିଏର ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କଲେ ପି. ଜବାହାର

ନୂଆଦିଲ୍ଲୀ : ଶ୍ରୀ ପି. ଜବାହାର, IAS (ଇଏଗଟଞ୍ଜ କ୍ୟାଡର, ୨୦୦୭ ବ୍ୟାଚ୍), ଆଜି ସାମୁଦ୍ରିକ ଉତ୍ପାଦ ରପ୍ତାନି ବିକାଶ ପ୍ରାଧିକରଣ (MPEDA) ର ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି, ଯାହା ଭାରତ ସରକାରଙ୍କ ଅଧୀନରେ ଥିବା ସର୍ବୋଚ୍ଚ ସଂସ୍ଥା, ଯାହା ଭାରତର ସାମୁଦ୍ରିକ ଉତ୍ପାଦ କ୍ଷେତ୍ର ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନିର ପ୍ରୋତ୍ସାହନ ଏବଂ ବିକାଶ ପାଇଁ ଦାୟୀ ।ଭାରତୀୟ ପ୍ରଶାସନିକ ସେବା (ଓଇଝ)ର ଜଣେ ଅଧିକାରୀ, ଶ୍ରୀ ପି. ଜବାହାର ତାଙ୍କ ସହିତ ଶିଳ୍ପ, ବାଣିଜ୍ୟ, ଶିକ୍ଷା, ନିର୍ବାଚନ ପ୍ରଶାସନ, ସ୍ଥାୟୀ ବିକାଶ ଏବଂ ସାଧାରଣ ଶାସନ ସମେତ ବହୁବିଧ କ୍ଷେତ୍ରକୁ ନେଇ ବ୍ୟାପକ ପ୍ରଶାସନିକ ଅଭିଜ୍ଞତା ଆଣିଛନ୍ତି । ଗଚରଉଇର ଅଧ୍ୟକ୍ଷ ଭାବରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ, ସେ ମୁଖ୍ୟ ନିର୍ବାଚନ ଅଧିକାରୀ ଏବଂ ପୁଡୁଚେରୀ ସରକାରଙ୍କ କମିଶନର/ସଚିବ ଭାବରେ କାର୍ଯ୍ୟ କରିଥିଲେ, ଶିଳ୍ପ ଏବଂ ବାଣିଜ୍ୟ, ଶିକ୍ଷା ଏବଂ ନିର୍ବାଚନ ସମେତ ପ୍ରମୁଖ ବିଭାଗଗୁଡ଼ିକୁ ପରିଚାଳନା କରିଥିଲେ । ଶ୍ରୀ ପି. ଜବାହାର କୃଷି, ପରିବେଶ ବିଜ୍ଞାନ ଏବଂ ସହରା*ଳ ବିକାଶରେ ଏକ ଦୃଢ଼ ବହୁବିଧ ଶୈକ୍ଷିକ ପୃଷ୍ଠଭୂମି ମଧ୍ୟ ରଖିଛନ୍ତି, ଯାହା ଭାରତର ସାମୁଦ୍ରିକ ଖାଦ୍ୟ କ୍ଷେତ୍ରର ସ୍ଥାୟୀ ଏବଂ ଦାୟିତ୍ୱପୂର୍ଣ୍ଣ ବିକାଶ ପାଇଁ ମୂଲ୍ୟବାନ ଦୃଷ୍ଟିକୋଣ ଆଣିବ ବୋଲି ଆଶା କରାଯାଉଛି । ତାଙ୍କର ବିଶେଷଜ୍ଞତା ସ୍ଥାୟୀ ମତ୍ସ୍ୟଚାଷ ଏବଂ ଜଳକୃଷି, ଭିତିଭୂମି ବିକାଶ, ମୂଲ୍ୟ ବୃଦ୍ଧି, ରପ୍ତାନି ପ୍ରତିଯୋଗିତା, ନବସୃଜନ ଏବଂ ଭାରତୀୟ ସାମୁଦ୍ରିକ ଖାଦ୍ୟ ଉତ୍ପାଦ ପାଇଁ ବିଶ୍ୱ ବଜାର ପ୍ରସାରଣ ସହିତ ଜଡିତ ପଦକ୍ଷେପଗୁଡ଼ିକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।




ସତ୍ୟମେବ ଜୟତେ





ପବିତ୍ର ଇଦ୍-ଉଜ୍-ଜୁହା-୨୦୨୬
ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଜ୍-ଜୁହା-୨୦୨୬ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ସେବା, ସମର୍ପଣ, ତ୍ୟାଗ ଓ ତିତିକ୍ଷାର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

OIPR-15001/15001/2/26-27/0046

15001/46/2627



ଇଦ୍-ଉଜ୍-ଜୁହା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଜ୍-ଜୁହା ପର୍ବ ଉପଲକ୍ଷେ ରାଜ୍ୟବାସୀ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା






# ଭାରତୀୟରିଜର୍ଭବ୍ୟାଙ୍କ ତରଫରୁ କ୍ଷେତ୍ରସ୍ତରୀୟ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ




ବାଲେଶ୍ୱର(ନି.ପ୍ର.)ଭାରତୀୟ ରିଜର୍ଭବ୍ୟାଙ୍କ (ଆରବିଆଇ), ଭୁବନେଶ୍ୱରପକ୍ଷରୁବାଲେଶ୍ୱର ଠାରେ ୨୭ ମଇ ୨୦୨୬ ଦିନ ଏକ କ୍ଷେତ୍ର ସ୍ତରୀୟ ଆର୍ଥିକସାକ୍ଷରତାକାର୍ଯ୍ୟକ୍ରମ (ଏଫ୍ଏଲ୍ଏଫ୍ଏଲ୍ଇ) ଅନୁଷ୍ଠିତ ହୋଇଯାଇଛି । ଆରବିଆଇ କ୍ଷେତ୍ରୀୟ ନିର୍ଦ୍ଦେଶକ ଡା. ସାରଦା ପ୍ରସନ ମହାନ୍ତି, ମହାପ୍ରବନ୍ଧକ ଶ୍ରୀମତୀ ଅନିତାପଟ୍ଟନାୟକ; ଏସଏଲବିସି ଓଡ଼ିଶାର ଆବାହକ ତଥାମହାପ୍ରବନ୍ଧକଶ୍ରୀ ପ୍ରଣବ ବିଶ୍ୱାସ; ଏସବିଆଇ ଉପ ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ପ୍ରବନ୍ଧକ ଶ୍ରୀ ପ୍ରଭାତ କୁମାର କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଡା. ମହାନ୍ତି ମୁଖ୍ୟ ବକ୍ତବ୍ୟ ପ୍ରଦାନ କରି ଆର୍ଥିକ ସାକ୍ଷରତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ ସାଇବର ଫ୍ରଡ ଠାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଜଣ ସାଧାରଣଙ୍କୁ ପ୍ରୋତ୍ସାହନ କରିଥିଲେ । ଏହା ସହ ସେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାର ସରଳୀକରଣ ଉପରେ ଗୁରୁତ୍ୱ ପ୍ରଦାନ କରି ବ୍ୟାଙ୍କ ଖାତାରେ କେୱାଇସି ଓ ନୋମିନେସନର ଆବଶ୍ୟକତା ଉପରେ ସଚେତନ କରିଥିଲେ ।ଶ୍ରୀମତୀ ପଟ୍ଟନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରି ରିଜର୍ଭବ୍ୟାଙ୍କତରଫରୁ ଆର୍ଥିକ ଅନ୍ତର୍ଭୂକ୍ତିକରଣ ଦିଗରେ କରାଯାଇଥିବା ପ୍ରୟାସ ଉପରେ ଆଲୋକପାତ କରିଥିଲେ । ଏହିକାର୍ଯ୍ୟକ୍ରମରେ କୃଷକ,ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଉଦ୍ୟୋଗୀ ଓ ବରିଷ୍ଠନାଗରିକଙ୍କ ଭଳିବିଭିନ୍ନବର୍ଗରୁ ପ୍ରାୟ୧୫୦ଜଣବ୍ୟକ୍ତି ଅଂଶଗ୍ରହଣକରିଥିଲେ ।କାର୍ଯ୍ୟକ୍ରମରେ ବ୍ୟାଙ୍କର ଅଧିକାରୀମାନେ ଆର୍ଥିକଯୋଜନା, ସଂଚୟ,ଋଣ, ନିବେଶ, ବୀମାସମେତ ସାମାଜିକ ସୁରକ୍ଷା ଯୋଜନା,ପେନସନଏବଂ ଦାବିହୀନ ଜମା ରାଶି ପ୍ରାପ୍ତ କରିବାର ପ୍ରଣାଳୀ ଆଦି ବିଷୟ ଉପରେ ସେମାନଙ୍କରଅଧିବେଶନରଖିଥିଲେ । ପ୍ରତିଭାଗୀ ମାନଙ୍କୁ ନକଲିନୋଟ୍ଚିହ୍ନଟ, ବ୍ୟାଙ୍କଦ୍ୱାରାନୋଟ୍ବିନିମୟ ସୁବିଧାସମ୍ପର୍କରେମଧ ଅବଗତ କରାଯାଇଥିଲା । ଏହାବ୍ୟତୀତ ବିଭିନ୍ନପ୍ରକାର ସାଇବରଠକେଇସମ୍ପର୍କରେଆଲୋଚନାକରାଯାଇଥିଲା । ଶେଷରେ ଆରବିଆଇର ଅଭିଯୋଗ ସମାଧାନବ୍ୟବସ୍ଥା ଏବଂ ଅଭିଯୋଗ ଦାଖଲପ୍ରକ୍ରିୟାସମ୍ପର୍କରେସମସ୍ତଙ୍କୁ ଅବଗତକରାଯାଇଥିଲା । ସର୍ବଶେଷରେ ଅଂଶଗ୍ରହଣକାରୀଙ୍କ ପ୍ରଶ୍ନରଉତରଦିଆଯାଇଥିଲା । ଏହିକାର୍ଯ୍ୟକ୍ରମରେ ବାଲେଶ୍ୱରଜିଲ୍ଲାଏଲଡିଏମ, ଡିଡିଏମ,ଏଫଏଲସି, ସିଏଫଏଲ ଏବଂ ବାଲେଶ୍ୱର ଅଂଚଳର ବିଭିନ୍ନ ବ୍ୟାଙ୍କରଅଧିକାରୀମାନେ ମଧ ଉପସ୍ଥିତଥିଲେ । ବ୍ୟାଙ୍କର ଏହି ପ୍ରୟାସଟି ଜିଲ୍ଲା ପ୍ରଶାସନ ଓ ସାଧାରଣ ଲୋକଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା ।

# ବଟବୃକ୍ଷ ସୁରକ୍ଷା ମଂଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର(ନି.ପ୍ର.) ୨୭ ତାରିଖ ପୂର୍ବାହ୍ନରେ ବାଲେଶ୍ୱର ବଟବୃକ୍ଷ ସୁରକ୍ଷା ମଂଚ ପକ୍ଷରୁ ଧୀରଜ କୁମାର ଦାସ ଓ ଦେବବ୍ରତ ପାଣିଗ୍ରାହୀଙ୍କ ନେତୃତ୍ୱରେ ୧୯ଜଣ ପ୍ରତିନିଧି ଜିଲ୍ଲାପାଳଙ୍କୁ ଭେଟି ବଟବୃକ୍ଷର ସୁରକ୍ଷା, ଅତ୍ୟାଧୁନିକରଣ ନିର୍ମାଣ, ଟାଇଲ ବସାଇବା ଏବଂ ବିଭିନ୍ନ ଦୂରଦୂରାନ୍ତରରୁ ଜିଲ୍ଲାପାଳଙ୍କ ଜନଶୁଣାଣି ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଆସୁଥିବା ଜିଲ୍ଲାବାସୀ ଯେଉଁମାନେ କି ଏହି ବଟବୃକ୍ଷ ମୂଳରେ ବିଶ୍ରାମ ନେଇଥାନ୍ତି ସେମାନଙ୍କ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ବାଲେଶ୍ୱରର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ । ଏହି ଅବସରରେ ମଂଚ ପକ୍ଷରୁ ତାଙ୍କୁ ଉପଢ୍ୌକନ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମନୋଜ ବିଶ୍ୱାଳ, ବିନାୟକ ମହାପାତ୍ର, ରିତିକ ନାୟକ, ସଂଜିତ ଘୋଷ , ତପନ ଦାସ, ଚନ୍ଦନ ପାଣିଗ୍ରାହୀ, କୁଂଜମଣି ସ୍ୱାଇଁ, ଭଗବାନ ଦାସ, ବିଜୟ ଦାସ, ବୁଦ୍ଧଦେବ ମଲ୍ଲିକ, ହରିଶଙ୍କର ଜେନା, ଆଶୁତୋଷ ମଲ୍ଲିକ, କଳିଙ୍ଗ ସାହୁ, ତ୍ରିଲୋଚନ ଉପାଧ୍ୟାୟ, ଅଭୟ ଦାସ, ଚିତରଂଜନ ନାୟକ ପ୍ରମୁଖ ବ୍ୟକ୍ତିମାନେ ସାମିଲ ହୋଇଥିଲେ । ପରେ ପ୍ରତିନିଧି ଦଳ ବାଲେଶ୍ୱର ମ୍ୟୁନିସିପାଲିଟିର ପୌରପାଳ ସବିତା ସାହୁ ଏବଂ ଏବଂ ବାଲେଶ୍ୱର ପୌରପାଂଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସିରିଏଲ ସୁଭ୍ରପାଟିଲଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି ।





# ବରିଷ୍ଠ ନାଗରିକ ମଂଚ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ବାଲେଶ୍ୱର(ନି.ପ୍ର.)ବାଲେଶ୍ୱରରେ ମଞ୍ଜୁରୀପ୍ରାପ୍ତ ସମନ୍ୱିତ ବନ୍ଧୁ ଖାତା ନଂ ବହୁମୁଖୀ ପ୍ରକଳ୍ପ (ଓଓଉ) ନିର୍ମାଣ ପାଇଁ ରାଜ୍ୟସରକାରଙ୍କ ନିର୍ଦ୍ଦେଶମତେ ରେମୁଣା ତହସିଲ ଅଧିନ ଦହପଡ଼ା ହେଁ ମୌଜାର ନଂ ୧୪୫, ପ୍ଲଟ୍ ପ୍ଲଟ୍ ନଂ ୩୪୮ ୪୮/୯୭୦, ଜମିର ପରିମାଣ ୯ ଏକର ଏବଂ ପ୍ଲଟ୍ ନଂ-୩୮ ୩୮୭/୯୭୧, ଜମିର ପରିମାଣ ୧୧ ଏକର; ମୋଟ ୨୦ଏକର ପରିମିତ ପରିମାଣର ଜମିକୁ ବାଲେଶ୍ୱର ସବ୍? ଡିଭିଜନ୍?ସ୍ତରୀୟ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ତା ୨୦-୦୬-୨୦୧୯ ରିଖରେ ଉପଯୁକ୍ତ ବୋଲି ଦ ଦର୍ଶାଇବା ପରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ନାମରେ ଗତ ୨୦୧୯ ମସିହାରେ ପଟ୍ଟା ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳଙ୍କ ପତ୍ରସଂଖ୍ୟା ୧୧୯୭, ତା ୦୫-୦୮-୨୦୨୦ରେ ରେମୁଣା ତହସିଲଦାରଙ୍କୁ ଜମିର ସୀମା ନିର୍ଦ୍ଧାରଣ ଓ ହସ୍ତାନ୍ତରଣ ନିମ ନିମନ୍ତେ ଏବଂ ଇଡକୋ, ବାଲେଶ୍ୱର ଡିଭିଜନ୍?ର ମୁଖ୍ୟଙ୍କୁ ଜମିର ଅଧିକାର ଦେବାପାଇଁ କୁହାଯାଇଥିଲା । ସାମାଜି ମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗର ପତ୍ରସଂଖ୍ୟା ୬୮୧୦ ତା ୩୦-୦୯-୨୦ ୨୦ ରିଖରେ ଜିଲ୍ଲା ଖଣି ପାଣ୍ଠି (ଡଗର) ଉପଯୋଗ କରି ଏହି ପ୍ରକଳ୍ପ ନିର୍ମାଣ କରିବାକୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ କୁହାଯାଇଥିଲା । । । ଜିଲ୍ଲାପା ଜିଲ୍ଲାପାଳ ତାଙ୍କର ୧୫୮୦ ତା ୨୦-୧୧-୨୦୨୦ ରିଖ ପତ୍ରରେ ଉକ୍ତ ପାଣ୍ଠିରେ ଆବଶ୍ୟକୀୟ ଅର୍ଥ ନଥିବାରୁ । ପ୍ରକଳ୍ପ ନିର୍ମାଣ ନିମନ୍ତେ ଅର୍ଥପ୍ରଦାନ କରିବାକୁ ଅନୁରୋଧ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ପତ୍ରସଂଖ୍ୟା ୧୦୪, ତା ୧୩-୧୦-୨୦୨୧ ରିଖରେ ଏହି ପ୍ରକଳ୍ପ ନିମନ୍ତେ ବିଭାଗକୁ ଅର୍ଥ ମଞ୍ଜୁର କରିବା ସକାଶେ ଅନୁରୋଧ କରିବା ସହିତ ମେମୋ ନଂ- ୧୦୬ରେ କଲିକତାର 'ବ୍ରିଜ୍ ଏଣ୍ଡ୍ ରୁଫ୍ କମ୍ପାନୀ (ଇଣ୍ଡିଆ) ଲିମିଟେଡ୍'ର ମଣ୍ଡଳ ମୁଖ୍ୟଙ୍କୁ ଏ ସମ୍ବନ୍ଧରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ପୁନଶ୍ଚ ଜିଲ୍ଲାପାଳ ମହୋଦୟ ପତ୍ରସଂଖ୍ୟା ୧୫୪୩ ତା ୦୯-୦୯-୨୦୨୨ ରିଖରେ ରେମୁଣା ବ୍ଲକ୍?ର ସମ୍ବଲପୁର ପୁର ମୌଜ? ମୌଜାରେ ୧୨ ଏକର ୫୦ ଡିସିମିଲ୍ ଇଡ଼କୋର ବାଲେଶ୍ୱର ମଣ୍ଡଳ ମୁଖ୍ୟଙ୍କୁ ଜମିର ଅଧିକାର ଗ୍ରହଣ କରିବା, ପ୍ରକଳ୍ପ ନିର୍ମାଣ ନିମନ୍ତେ ଜିଲ୍ଲା ଖଣି ପାଣ୍ଠି (ଡଗର)ରୁ ଅର୍ଥ ବିନିଯୋଗ ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବା, ଏହି ପାଣ୍ଠିରେ ଆବଶ୍ୟକୀୟ ଅର୍ଥ ନଥିବାରୁ ଅର୍ଥ ମଞ୍ଜୁର ପାଇଁ ଜିଲ୍ଲାପାଳ ଅନୁରୋଧ କରିବା, କଲିକତାର 'ବ୍ରିଜ୍ ଏଣ୍ ରୁଫ୍, କମ୍ପାନୀ (ଇଣ୍ଡିଆ) ଲିମିଟେଡ୍'ଙ୍କୁ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ଅନୁରୋଧ କରିବା ପର୍ଯ୍ୟନ୍ତ ଉକ୍ତ ପ୍ରକଳ୍ପର ସ୍ଥାନ ଉପଯୁକ୍ତ ଥିବାବେଳେ କେଉଁ ଉଦ୍ଦେଶ୍ୟରେ ଓ କାହା ସ୍ୱାର୍ଥରେ ଦହପଡ଼ାସ୍ଥିତ ଜମି ଅନୁପଯୁକ୍ତ ଦର୍ଶାଇ ସମ୍ବଲପୁରରେ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ୨୫ ଏକର ପରିବର୍ତ୍ତେ ୧୨ ଏକର ୫୦ ଡିସିମିଲ୍ ଜମି ଚୟନ କରିବା ଓ ପରବର୍ତୀ ସମୟରେ ତାହାକୁ ମଧ୍ୟ ବିଚାରକୁ ନ ନିଆଯାଇ ନୀଳଗିରି ସବ୍?ଡିଭିଜନ୍?ର ନୀଳଗିରି ତହସିଲ ଅନ୍ତର୍ଗତ ସଜନାଗଡ଼ ଆର.ଆଇ. ସର୍କଲ୍ର ଜାମୁଡିହା ଗ୍ରାମରେ ପ୍ରକଳ୍ପ ପାଇଁ ଜିଲ୍ଲା ପ୍ରଶାସନଙ୍କ ନିଷ୍ପରି ଉଦ୍ଦେଶ୍ୟ ପ୍ରଣୋଦିତ ମନେହୁଏ । ଦହପଡ଼ାସ୍ଥିତ ଉକ୍ତ ଜମିର ଅନତିଦୂରରେ ଏକ ସ୍ଥାନ ପାର୍କ ନିର୍ମାଣ ନିମନ୍ତେ ଚୟନ କରାଯାଇ ବାଉଣ୍ଡେରୀ ନିର୍ମାଣ ସହିତ ମାଟି ପୋତି ସ୍ଥାନଟିକୁ ସମତୁଲ କରାଯାଇପାରିଥିବାବେଳେ ଏହି ପ୍ରକଳ୍ପ ପାଇଁ ସମାନ ପ୍ରକ୍ରିୟା କରାଗଲେ ପ୍ରକଳ୍ପଟି ହୋଇପାରନ୍ତା । ଦହପଡ଼ାର ନିର୍ଦ୍ଧାରିତ ସ୍ଥାନଟି ମୁଖ୍ୟରାସ୍ତା ପାର୍ଶ୍ୱରେ ଅବସ୍ଥିତ ଓ ଏହି ଜଗିକୁ ଲାଗି ପ୍ରାଥମିକରୁ ଉଚ୍ଚବିଦ୍ୟାଳୟ, ଦହପଡ଼ା ପଂଚାୟତ ଅଫିସ୍ ଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ଫକୀରମୋହ?ନ ମେଡିକାଲ୍ କଲେଜ୍ ୪/୫ କି.ମି. ମଧ୍ୟରେ ରହିଛି । ତେଣୁ ଅନ୍ତେବାସୀମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟର ସମସ୍ତ ସୁବିଧା ଏହି ସ୍ଥାନରେ ଥିବାବେଳେ ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନଟି ବାଲେଶ୍ୱରରୁ ୨୫/୩୦ କି.ମି. ଦୂର ଜଙ୍ଗଲିଆ ସ୍ଥାନ ସମ୍ପୂର୍ଣ ଅନୁପ?ଯୁକ୍ତ ଅଟେ । ଏହା ଏକ ବହୁମୁଖୀ ପ୍ରକଳ୍ପ ହୋଇଥିବାରୁ ବରିଷ୍ଠ ନାଗରିକ, ଭିନ୍ନକ୍ଷମମାନଙ୍କ ସହିତ ଅନ୍ୟାନ୍ୟ ବର୍ଗର ହିତାଧିକାରୀମାନେ ଓ ସେମାନଙ୍କ ପରିବାର ଏପରି ଏକ ସ୍ଥାନରେ ପ୍ରକଳ୍ପ ହେଲେ ବହୁ ଅସୁବିଧାର ସମ୍ମୁଖୀନ ହେବେ ।




# ଟାଙ୍ଗଣା ପୋଲ ଏବେ ଅସୁରକ୍ଷିତ, ପଥଚାରୀଙ୍କ ଭରସା ଭଗବାନ

ନୀଳଗିରି, (ନି.ପ୍ର.) ୧୯ ନଂ ରାଜ୍ୟ ରାଜପଥ ସେରଗଡ-ଉଦଳା ରାସ୍ତାର ଥିବା ଟାଙ୍ଗଣା ପୋଲ ଏବେ ଅସୁରକ୍ଷିତ । କେତେବେଳେ ଯେ କଣ ଅଘଟଣ ଘଟିବ କେହି କହି ନପାରେ, ଏକଥା ପୂର୍ତ୍ତ ବିଭାଗ ଅନୁଧ୍ୟାନ କରି ମନେ କରି ଭାରି ଯାନ ଧିରେ ଧିରେ ଯିବାପାଇଁ ଦୁଇ ପାଖରେ ହମ୍ପ ବନାଇବା ସହ ନୀଳଗିରି ଉପ ଜିଲ୍ଲାପାଳଙ୍କୁ ଜଣାଇଥିଲେ । ଏହା ସହ ସୁରକ୍ଷା କାରଣରୁ ପୂର୍ବରୁ ଭାରୀଯାନ ଚଳାଚଳ ଉପରେ ପୂର୍ତ୍ତ ବିଭାଗର କଟକଣା ଲଗାଇ ବୋର୍ଡ ଲଗାଇଥିଲେ ସୁଦ୍ଧା ଉଲ୍ଲଂଘନ କରି ନିୟମିତ ଭାରୀଯାନ ଯାତାୟାତ କରୁଛି । ବାଲେଶ୍ୱର ମୟୂରଭଞ୍ଜକୁ ଦୁଇ ଜିଲ୍ଲାକୁ ମୁଖ୍ୟ ରାସ୍ତା ହୋଇଥିବା ବେଳେ ଏହି ଟାଙ୍ଗଣା ପୋଲ ଅସୁରକ୍ଷିତ ଅବସ୍ଥାରେ । ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକର ଶେଷ ସୀମାର ଝରଣଘାଟି ଠାରେ ରହିଥିବା ଏହି ଟାଙ୍ଗଣା ପୋଲକୁ ପ୍ରାୟ ଶହେ ବର୍ଷ ତଳେ ରାଜାରାଜୁଡ଼ା ସମୟରେ ପଥର ପିଲର ରେ ନିର୍ମାଣ ହୋଇଥିବା ବେଳେ ସମୟକ୍ରମେ ଏହି ପଥରରେ ନିର୍ମିତ ପୋଲର ମଝି ପିଲର ସବୁ ଦୁର୍ବଳ ହେଉଥିବା ବେଳେ ଭାରୀ ଯାନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ବର୍ତ୍ତମାନ ଏହି ପୋଲ ଜରାଜୀର୍ଣ୍ଣ ଅସୁରକ୍ଷିତ ଅବସ୍ଥାରେ ରହିଥିବା ବେଳେ ପୋଲର ତଳ ଭାଗ ଓ ମଝି ପିଲର ଅବସ୍ଥା ଭଲ ନାହିଁ । ଏପରିକି ପୋଲର ଗୋଟିଏ ପାଖରେ ସୁରକ୍ଷା ପାଚେରି ଖସିପଡିଥିବା ଦେଖିବାକୁ ମିଳିଛି । ଏହି ପୋଲ ଦେଇ ଦୈ?ନିକ ଭୁବନେଶ୍ୱରରୁ ମୟୁରଭଞ୍ଜ କୁ ଅନେକ ଦୃତଗାମୀ ବସ, ଶହ ଶହ ଯାନବାହାନ ସମେତ ଆମ୍ବୁଲେନ୍ସ, ସ୍କୁଲଗାଡ଼ି, ପଥଚାରୀ ଏକାଧିକ ୧୬ ଚକିଆ ଚିପ୍ସ, ଡଷ୍ଟ, ବାଲି ବୋଝେଇ ଭାରି ଯାନ ଯିବା ଆସିବା କରୁଛନ୍ତି । ଭଗବାନ ଙ୍କ ଭରସାରେ ପଥଚାରୀ ଓ ଯାତ୍ରୀବାହୀ ଓ ଭାରୀ ଯାନ । ସୁରକ୍ଷା କାରଣରୁ ପୂର୍ବରୁ ଭାରୀଯାନ ଚଳାଚଳ ଉପରେ ପୂର୍ତ୍ତ ବିଭାଗର କଟକଣା ଲଗାଇ ଥିଲେ ସୁଦ୍ଧା ଉଲ୍ଲଂଘନ କରି ନିୟମିତ ଶହ ଶହ ଭାରୀଯାନ ଯାତାୟାତ କରୁଛନ୍ତି । ତେଣୁ ଏକ ବଡ଼ ଧରଣର ଅଘଟଣ ଘଟିବା ପୂର୍ବରୁ ଜରୁରୀ କାଳୀନ ପରିସ୍ଥିତି ରେ ପ୍ରଶାସନ ହସ୍ତକ୍ଷେପ କରିବାକୁ ଅଂଚଳବାସୀ ଦାବି କରୁଛନ୍ତି । ପୋଲ ନିର୍ମାଣ ପାଇଁ ପୂର୍ବରୁ ତଥା ଗତ ୨୦୧୬ ଡିସେମ୍ବର ୨୬ ରିଖରେ ପୂର୍ତ୍ତ ବିଭାଗ ତରଫରୁ ଭିତିପ୍ରସ୍ତ ର ସ୍ଥାପନ ହୋଇଥିଲା । ଠିକାଦାର ଡାଇଭର୍ସନ ରାସ୍ତା କାର୍ଯ୍ୟ ଆରମ୍ଭ କରିଥିବା ବେଳେ କୌଣସି କାରଣରୁ କାମ ଛାଡ଼ି ପଳାଇଥିଲେ । ୨୦୧୮ରେ ଉକ୍ତ କାର୍ଯ୍ୟର ଟେଣ୍ଡର କ୍ୟାନସେଲ ହୋଇଥିବା ବେଳେ ଉକ୍ତ ଠିକାଦାର ଙ୍କୁ ବ୍ଲାକ ଲିଷ୍ଟ କରାଯାଇଥିଲା । ସେହିଦିନ ଠାରୁ ଆଜିକୁ ୧୦ ବର୍ଷ ହେବ ପୂର୍ତ୍ତ ବିଭାଗ ଚେଷ୍ଟା ନାମରେ ବିଭିନ୍ନ ଆଳ ଦେଖାଇ ଚାଲିଛି । ଏହି ପୋଲ ଉପରେ ଓଜନିଆ ଯାନବାହନ ଚଳାଚଳ କରିବା ଦ୍ୱାରା ବଡ଼ ଧରଣର ଦୁର୍ଘଟଣା ଘଟିବା ଏବଂ ପୋଲ ଭୁଶୁଡ଼ି ପଡ଼ିବାର ଆଶଙ୍କା ରହିଛୀ । ସ୍ଥାନୀୟ ଲୋକଙ୍କ ବାରମ୍ୱାର ଦାବି ସତ୍ତ୍ୱେ ନୂତନ ପୋଲ ନିର୍ମାଣ କାର୍ଯ୍ୟ ବର୍ଷ ପରେ ବର୍ଷ ଗଡି ଗଡି ଚାଲିଛି । ଏ ସମ୍ପର୍କରେ ମଗଂଳବାର ନୀଳଗିରି ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ଜେନା ଙ୍କୁ ପଚାରିବାରୁ କହିଥିଲେ ପୁଣି ସାନି ଟେଣ୍ଡର, ଏଗ୍ରିମେ[ ହୋଇସାରିଛି ପୋଲକୁ ସଂଯୋଗ କରୁଥିବା ପ୍ରାଇଭେଟ ଜମିକୁ ଚିହ୍ନଟ କରି ଜମି ଅଧିଗ୍ରହଣ ପରେ ଠିକାସଂସ୍ଥା ପୁରାତନ ପୋଲ ନିକଟରେ ନୂତନ ପୋଲ କରିବ । ତେବେ ଅସୁରକ୍ଷିତ ବିଷୟକୁ ସେ ମାନିବା ସହ ଉକ୍ତ ପୋଲ ଉପରେ ଭାରି ଯାନ ଚଳାଚଳ ବନ୍ଦ କରିବା ପାଇଁ ସ୍ଥାନୀୟ ଉପ ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥଙ୍କ ଜଣାଇଛୁ ଏବଂ ଭାରି ଯାନ ଧିରେ ଧିରେ ଯିବାପାଇଁ ଦୁଇ ପାଖରେ ଲୁହା ଫ୍ରେମ ରେ ବୋଡ ଲଗାଇଛୁ ବୋଲି କହିଥିଲେ । ଅସୁରକ୍ଷିତ ଟାଙ୍ଗଣା ପୋଲ ଓ ପୂର୍ତ୍ତ ବିଭାଗର ଖାମଖିଆଲି ନିତିକୁ ନେଇ ଉପ ଜିଲ୍ଲାପାଳ ଶ୍ରୀମତୀ ରଥଙ୍କ ମତାମତ ନେବାରୁ ସେ କହିଥିଲେ ତୁରନ୍ତ ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳ ଙ୍କ ସହ ଆଲୋଚନା କରିବେ ।

# ପ୍ରେସ କ୍ଲବ ସୋରର ସାଧାରଣ ପରିଷଦ ବୈଠକ

ସୋର,(ନି.ପ୍ର.)- ଆଜି ସୋର ସଂସ୍କୃତି ଭବନ ପରିସରରେ ପ୍ରେସ କ୍ଲବ, ସୋରର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରେସ କ୍ଲବ ସଭାପତି ଚନ୍ଦ୍ରମୋହନ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ଲବର ବରିଷ୍ଠ ସଦସ୍ୟା ସମ୍ବାଦିକ ଲକ୍ଷ୍ମୀନାରାୟଣ ଦାସ, ଗୌରୀ ଶଙ୍କର ଘଡ଼ାଇ ଏବଂ ନନ୍ଦକିଶୋର ସାହୁ ନିଜ ନିଜର ମନ୍ତବ୍ୟ ପ୍ରଦାନ କରିବା ସହିତ ସାମ୍ବାଦିକମାନଙ୍କ ସମସ୍ୟା ଏବଂ କ୍ଲବ ସଂଗଠନ ସଂପର୍କରେ ଆଲୋଚନାରେ କରିଥିଲେ । କ୍ଲବର ଉପସଭାପତି ଅକ୍ଷୟ କୁମାର ଜେନା କ୍ଲବର ପଞ୍ଜିକରଣର ନବୀକରଣ ସଂପର୍କିତ ନିୟମାବଳୀର ସମ୍ୟକ୍ ଆଲୋଚନା କରିଥିଲେ । କ୍ଲବର କୋଷାଧକ୍ଷ ଶିବପ୍ରସାଦ ଭୋଇ, ଯୁଗ୍ମ ସଂପାଦକ ସୁଶାନ୍ତ କୁମାର ବେହେରା, ବରିଷ୍ଠ ସଦସ୍ୟ ଅନନ୍ତ କର, ରମାକାନ୍ତ ପଣ୍ଡା, ମନୋଜ କୁମାର ରାୟ, ଅଭୟ କୁମାର ପତ୍ରୀ, ମହମ୍ମଦ ଆରିଫ ଖାନ୍?, ଶଶିକାନ୍ତ ବେହେରା, ସୁଶାନ୍ତ କୁମାର ଦାସ, ଜନ୍ମେଜୟ ମିଶ୍ର, ଜଗନ୍ନାଥ ଦାସ, ମଧୁସୂଦନ ବେହେରା, ଦେବେନ୍ଦ୍ର କୁମାର ନାୟକ, ପ୍ରଭାକର ବେହେରା, ଅଶୋକ କୁମାର କର ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ । ଶେଷରେ ସଦସ୍ୟା ଶ୍ରୀଲେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣ ତଥା ସାଇବର ସଚେତନତା ଶିବିର

ଭଦ୍ରକ(ନି.ପ୍ର.) ଜିଲ୍ଲା ପ୍ରଶାସନ ପକ୍ଷରୁ ଆର୍ଥିକ ସାକ୍ଷରତା , ଆର୍ଥିକ ଅନୁର୍ଭୂକ୍ତିକରଣ ଶିବିର ଏବଂ ସାଇବର ସଚେତନତା ଶିବିର ।ଚରମ୍ପା ଅନ୍ତର୍ଗତ ଏରେଇଁ ଗ୍ରାମ ପଂଚାୟତର ଠାରେ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ଅଧିକାରୀ ଯୋଗ ଦେଇ ପିଲାମାନଙ୍କୁ ସଂଚୟର ମହତ୍ୱ , ସାଇବର ସେଲ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନ, ଅଙ୍ଗନୱାଡ଼ି କର୍ମୀ ଓ ବରିଷ୍ଠ ନାଗରିକ ମାନେ ସାଇବର ଅପରାଧୀ ମାନଙ୍କ ଶିକାରରୁ ଦୂରରେ ରହିବା , ଏଫ୍ ଏଲ ସି ଓ ଇଣ୍ଡିଆ ପୋଷ୍ଟ ପେମେ[ ବ୍ୟାଙ୍କ୍ ମ୍ୟାନେଜର୍ ବ୍ୟାଙ୍କ୍ ରେ ଉପଲବ୍ଧ ଥିବା ସମସ୍ତ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଜିଲ୍ଲା ଡାକ ବିଭାଗର ଅଧିକାରୀ ଡାକଘରେ ଉପଲବ୍ଧ ସମସ୍ତ ସଂଚୟ ଯୋଜନା ଗୁଡିକ ସମ୍ବଧରେ ଜଣାଇଥିଲେ ଓ ସଭାରେ ଯୋଗଦେଇଥ?ବା ବ୍ୟକ୍ତିମାନଙ୍କୁ ସଂଚୟ ପାଇଁ ଅନୁପ୍ରାଣିତ କରିଥିଲେ ଓ ଚିଟ୍ ଫଣ୍ଡ ଠକେଇ ଶିକାର ନହେବାକୁ ପରାମର୍ଶ ଦେଇଥିଲେ । ସଭାରେ ମୋଟ ୧୦୦ ଜଣ ଗ୍ରାମବାସୀ ଯୋଗଦେଇଥିଲେ । ଏହି ସଭାରେ ଶିଖୁଥ?ବା ତଥ୍ୟ ରେ ଅନୁପ୍ରାଣିତ ହେବା ପାଇଁ ଅଥିତି ପିଲାମାନଙ୍କୁ ଅନୁରୋଧ କରିଥିଲେ ଓ ଓ ନିଜ ପରିବାର ଲୋକଙ୍କୁ ମଧ୍ୟରେ ସଂଚୟ ଯୋଜନା, ଆର୍ଥିକ ସାକ୍ଷରତା ଓ ସାଇବର ସଚେତନତା ସମ୍ପର୍କରେ ସଚେତନ କରାଯାଇଥିଲା ।

# କୁନୀ ଝିଅକୁ ବିକ୍ରି କରିଥିବା ପୀଡ଼ିତ ପରିବାର ନିକଟରେ ବିଡ଼ିଓ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ

ଜଳେଶ୍ୱର,(ନି.ପ୍ର )ସରକାର ବହୁ ଜନ କଲ୍ୟାଣ ଯୋଜନା ପ୍ରଣୟନ କରିଥିଲେ ମଧ ତୃଣମୂଳ ସ୍ତର ରେ ସଫଳ ରୂପାୟନ ହୋଇପାରୁନାହିଁ । ଫଳରେ ବହୁ ଗରିବ ପରିବାର ଅବହେଳିତ ହୋଇ ଦୁଃଖ ଦୈନ୍ୟ ମଧରେ କାଳାତିପାତ କରୁଛନ୍ତି ।ଜଳେଶ୍ୱର ପୌରପାଳିକାର ୮ ନଂ ୱାର୍ଡ ପଂଚୁଘଂଟା ସ୍ଥିତ ଶଂକର ସିଂ ଓ ସରସ୍ୱତୀ ସିଂ ପ୍ରତିପୋଷଣ କରି ନପାରି ଶିଶୁ କନ୍ୟାକୁ ବିକ୍ରି କରିଥିବ କହିଛନ୍ତି । ରୋଗଗ୍ରସ୍ତ ଶଂକରର ସେପରି କୌଣସି ରୋଜଗାର ନ ଥିବା ବେଳେ ସ୍ୱାମୀ ସ୍ତ୍ରୀ ପରଘରେ ମୂଲ ଲାଗି ପରିବାର ପ୍ରତିପୋଷଣ କରନ୍ତି । ବୁଢ଼ୀ ମା ଓ ଦୁଇ ଝିଅ ସହ ରହୁଥିବା ବେଳେ ଦାରୁଣ ଅଭାବରୁ କୁନି ସାନ ଝିଅକୁ ଭଦ୍ରକ ଅଂଚଳରେ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଛନ୍ତି । ଘଟଣା ପ୍ରଘଟ ପରେ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ ପିଡୀତ ପରିବାର ନିକଟରେ ପହଂଚି ସମସ୍ତ କଥା ଶୁଣୁଥିଲେ ।ସରସ୍ୱତୀ ଓ ଦୁଇ ଝିଅର ରାସନ୍ ମିଳୁନଥିବା ବେଳେ ଆବାସ ଘର ଯୋଜନା ରୁ ବଂଚିତ ହୋଇ ଦଦରା କୁଡ଼ିଆ ରେ ଦୟନୀୟ ଭାବେ ରହୁଛନ୍ତି ।ଏସମ୍ପର୍କରେ ପୌରାଦ୍ଧଖ ପ୍ରତିପ୍ କୁମାର ପ୍ରଧାନ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସନ୍ଧ୍ୟାରେ ମ୍ୟୁନିସିପାଲଟି କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ ସିଂ ପୀଡ଼ିତ ପରିବାର ନିକଟରେ ପହଂଚି ରାସାନ କାର୍ଡ ସଂଯୋଗ କରିବା ସହ ଆବାସ ଯୋଜନା ରେ ସାମିଲ୍ ଓ ଭଦ୍ରକ ଯାଇ କୁନି ଝିଅକୁ ଫେରେଇ ଆଣିବାକୁ ପ୍ରୟାସ କରିବେ ବୋଲି ସାମ୍ବାଦିକ ମାନଙ୍କୁ କହିଛନ୍ତି ।

# ବିଜେପି ଯୁବମୋର୍ଚ୍ଚା ଉତର ବାଲେଶ୍ୱର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କୁ ବିପୁଳ ସମ୍ବର୍ଦ୍ଧନା

ଜଳେଶ୍ୱର,(ନି.ପ୍ର.)ଯୁବମୋର୍ଚ୍ଚା ଉତର ବାଲେଶ୍ୱରର ସଭାପତି ଫାଲଗୁନୀ ପାଣିଗ୍ରାହୀ ୧୯ଟି ମଣ୍ଡଳରେ ପ୍ରଥମ ସଭାପତିଭାବେ ପ୍ରବାସ ସାରିଥିବା ଯୋଗୁଁ ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡା ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସଫଳତା ପାଇବା ପରେ ଜଳେଶ୍ୱର ଯୁବମୋର୍ଚ୍ଚା ପକ୍ଷରୁ ବୁଧବାର ଭଞ୍ଜଶ୍ରୀ ବିହାର ସମ୍ମିଳନୀ କକ୍ଷରେ ଆୟୋଜିତ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ନଗର ବିଜେପି ସଭାପତି ତଥା ସ୍ଥାନୀୟ କାଉନସିଲର ଶିବନାରାୟଣ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ବିଜେପି ଜଳେଶ୍ୱରର ନିର୍ବାଚିତ ପ୍ରତିନିଧି, ମଣ୍ଡଳ ସଭାପତି, ଦଳର ପଦାଧିକାରୀ ତଥା ବିଭିନ୍ନ ମୋର୍ଚ୍ଚା ତରଫରୁ ଶ୍ରୀ ପାଣିଗ୍ରାହୀଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଇନ୍ଦୁମତୀ ଗିରି, ସମର କରଣ, ବରେନ୍ଦ୍ର ପରିଡା, ବିଶ୍ୱଭୂଷଣ ଦାସ, ଅନନ୍ତ ଦାସ, ଦେବଯାନୀ ଅଣ୍ଡିଆ ପ୍ରମୁଖ ଯୋଗ ଦେଇ ଫାଲଗୁନୀ ପାଣିଗ୍ରାହୀଙ୍କ କାର୍ଯ୍ୟ କୁଶଳତା ଓ ଦୃଢ଼ ସାଙ୍ଗଠନିକ ନେତୃତ୍ୱ ସଂପର୍କରେ ଭୂୟସୀ ପ୍ରଶଂସା କରି ତାଙ୍କର ମାର୍ଗଦର୍ଶନରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ଭାରତୀୟ ଜନତା ପାର୍ଟି ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ବେଳେ ଅଞ୍ଜନ ଦାସ, ମନମୋହନ ଆଚାର୍ଯ୍ୟ, ସତ୍ୟବ୍ରତ ପଣ୍ଡା, ରଞ୍ଜନ ପାଲ, ନିହାର ରଞ୍ଜନ ଦାସ, ବାସୁଦେବ ହୁଇ,ରଞ୍ଜନ ସେଠୀ, ରାମକୃଷ୍ଣ ମାଝୀ,ରଞ୍ଜିତ ପାତ୍ର,ହେମନ୍ତ ଦାସ, ନମିତା ଦାସ, ମୁକ୍ତାରାଣୀ ପାଳ , ମାଳତିଲତା ଦତ,ମଞ୍ଜୁଲିକା ଘୋଷ ସୁଭଦ୍ରା ବେହେରାଙ୍କ ସମେତ ବହୁ ସହରବାସୀ ଉପସ୍ଥିତ ଥିଲେ ।



# ବ୍ରାଉନ ସୁଗାର ସହ ନଗଦ ୪୩୦୦ଟଙ୍କା ଓ ସ୍କୁଟି ଜବତ, ଜଣେ ଗିରଫ

ଧାମନଗର(ନିପ୍ର): ଧାମନଗର ଅଂଚଳରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଉଛି । ଏହା ଉପରେ ଲଗାମ ଲଗାଇବାକୁ ଧାମନଗର ପୋଲିସକୁ ମିଳିଛି ଏକ ବଡ଼ ସଫଳତା । ମଙ୍ଗଳବାର ଅପରାହ୍ନରେ ଧାମନଗର ପୋଲିସ ସୁରାକ୍ ପାଇ କଲ୍ୟାଣୀ ପଂଚାୟତର କଲ୍ୟାଣୀ ନଗରଠାରେ ଚଢ଼ାଉ କରି ଜଣେ ବ୍ରାଉନ ସୁଗାର ବିକ୍ରେତା ଙ୍କୁ ଧରିବାରେ ସକ୍ଷମ ହୋଇଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଧୁଷୁରୀ ଥାନା ଖପରପଦା ଗ୍ରାମର ମଣିଭଦ୍ର ସାହୁ (୫୫ ବର୍ଷ) । ମଣିଭଦ୍ର ଏକ ସ୍କୁଟି (ନଂ ଓଡ଼ି.୨୨.ଜି.୧୨୭୩) ଯୋଗେ ଯାଉଥିବା ସମୟରେ ପୋଲିସ ତାଙ୍କୁ ଅଟକାଇ ଧରିବାରୁ ବ୍ରାଉନ ସୁଗାର ମିଳିଥିଲା । ପୋଲିସ ମଣିଭଦ୍ର ଙ୍କ ନିକଟରୁ ୨୨ ଗ୍ରାମ ୯୪୦ ମିଲିଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲା, ଯାହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨ ଲକ୍ଷ ୩୦ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏହା ସହିତ ନଗଦ ୪,୩୦୦ ଟଙ୍କା, ଗୋଟିଏ ମୋବାଇଲ ଫୋନ ଏବଂ ସ୍କୁଟିକୁ ପୋଲିସ ଜବତ କରିଛି । ବୁଧବାର ଏ ନେଇ ଧାମନଗର ଥାନା ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଥାନା ସବ୍ ?-ଇନ୍ସପେକ୍ଟର ନାରାୟଣ ନାୟକଙ୍କ ଅଭିଯୋଗ କ୍ରମେ ଥାନା କେସ୍ ନଂ ୨୩୨/୨୬ ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଙ୍କୁ କୋର୍ଟ ଚାଲାଣ କରାଯାଇଛି । ଘଟଣାର ତଦନ୍ତ ଭାର ଏଏସଆଇ ମହେଶ୍ୱର ପ୍ରଧାନଙ୍କୁ ପ୍ରଦାନ କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଭଦ୍ରକ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ, ଧାମନଗର ଏସଡିପିଓ ଅନିରୁଦ୍ଧ ମୁଦୁଲି, ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ୍ ଦାସ ପ୍ରମୁଖ ଉପସ୍ଥିତ ରହି ଅଂଚଳରେ ନିଶା କାରବାର ବିରୋଧରେ ଅଭିଯାନ ଆହୁରି ଜୋରଦାର କରାଯିବ ବୋଲି ସୂଚନା ଦେଇଛନ୍ତି ।

# ସମର୍ପିତ, ନିଷ୍ଠାପର ପୂଜ୍ୟପୂଜା ବ୍ୟକ୍ତିତ୍ୱ ଭାବେ ବ୍ରଜଭାଇ ଚିରସ୍ମରଣୀୟ ରହିବେ

ଭୁବନେଶ୍ୱର: ଗଣମାଧ୍ୟମ ଓ ସାମାଜିକ ଅନୁଷ୍ଠାନ "ଉତ୍କଳ ବୁଲେଟିନ ଚାରିଟେବଲ ଟ୍ରଷ୍ଟ" ପକ୍ଷରୁ ସ୍ଥାନୀୟ ଖାରବେଳ ନଗର ସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦ ଠାରେ ସମ୍ପାଦକ ଅରବିନ୍ଦ ତ୍ରିପାଠୀଙ୍କ ସଂଯୋଜନାରେ ବରିଷ୍ଠ ପୁଜ୍ୟପୂଜା ପ୍ରାଣ, ଶହୀଦ ଦିବାକର ପରିଡ଼ାଙ୍କ ସୁଯୋଗ୍ୟ ଦାୟାଦ, ସମର୍ପିତ ସରଳ, ନିଷ୍ଠାପର, ଦକ୍ଷ ସଂଗଠକ ତଥା ରଣଭୂଇଁ ସମ୍ପାଦକ ସ୍ୱର୍ଗତ ବ୍ରଜବନ୍ଧୁ ପରିଡ଼ାଙ୍କ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ଅର୍ପଣ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ସଭାପତି ଭାବେ ବରିଷ୍ଠ ସମାଜସେବୀ, ପୁଜ୍ୟପୂଜା ପ୍ରାଣ ମନୋରଞ୍ଜନ ମହାନ୍ତି, ମୁଖ୍ୟଅତିଥି ଭାବେ ପ୍ରାଧ୍ୟପକ ଭାଷାପ୍ରାଣ ରଙ୍ଗନାଥ ସାହୁ, ସମ୍ମାନିତ ଅତିଥି ଭାବେ ନାରାୟଣ ସେବା ଫାଉଣ୍ଡେସନର ସମ୍ପାଦିକା ସମିତା ମହାରଣା, ବରିଷ୍ଠ ପୁଜ୍ୟପୂଜା ପ୍ରାଣ ଗିରିଜା ଶଙ୍କର ମହାପାତ୍ର ଉପସ୍ଥିତ ରହିବା ବ୍ରଜଭାଇଙ୍କ ସମାଜସେବା, ପୁଜ୍ୟପୂଜା କାର୍ଯ୍ୟକ୍ରମ ସହିତ ବିଶେଷ ଭାବେ ଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ନିମନ୍ତେ ଦୀର୍ଘ ୪୦ ବର୍ଷ ଧରି ପୁଜ୍ୟପୂଜା କାର୍ଯ୍ୟକ୍ରମ କରିବା, ବିଭିନ୍ନ ବରପୁତ୍ର ଓ ମହାପୁରୁଷଙ୍କ ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବା ଆଜିର ଯୁବପୀଢ଼ିଙ୍କ ଅନ୍ୟମାନଙ୍କୁ ସୁବାର୍ତ୍ତା ଦେବ ବୋଲି ଅତିଥି ମାନେ ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ । ରାଜଧାନୀରେ ଶହୀଦ ରଘୁ-ଦିବାକରଙ୍କ ଭବ୍ୟ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନା ତାଙ୍କର ସ୍ୱପ୍ନ ଥିଲା । ସରକାରଙ୍କ ପ୍ରୟାସ ସହିତ ବିଭିନ୍ନ ସଂଗଠନଙ୍କ ମିଳିତ ଉଦ୍ୟମ ରହିଲେ ନିଶ୍ଚିତ ଏହା ସଫଳ ହେବ ବୋଲି ଶ୍ରୀଯୁକ୍ତ ତ୍ରିପାଠୀ ମତବ୍ୟକ୍ତ କରିବା ଅନ୍ୟମାନେ ସମର୍ଥନ କରିଥିଲେ । ଏହି ଅବସରରେ ଶିକ୍ଷାବିତ କାମଦେବ ମହାପାତ୍ର କବିତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସାମାଜିକ କର୍ମୀ ଲୋକନାଥ ଦାଶ, ବିଶିଷ୍ଟ ସମାଜସେବୀ ତଥା ଅଖିଳ ଭାରତ ସ୍ୱାଧୀନତା ସଂଗ୍ରାମୀ ଉତ୍ତରଦାୟାଦ ସଂଗଠନ ସାଧାରଣ ସମ୍ପାଦକ ଶିବ ନାରାୟଣ ମିଶ୍ର, ସାମ୍ବାଦିକ ମଦନ ମୋହନ ପାଢ଼ୀ, କିଶୋରଦେବୀ ଦତ, ପୃଥ୍ୱୀରାଜ ପ୍ରତାପ ସିଂ, ସତ୍ୟବାଦୀ ବଳିୟାର ସିଂ, ଭାଷା ପ୍ରାଣ ରମେଶ ଚନ୍ଦ୍ର ପାତାଳ ସିଂ, ସୁନାରାମ ସିଂ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ବିଶ୍ୱଜିତ ପରିଡ଼ା । କାର୍ଯ୍ୟକ୍ରମକୁ ପ୍ରଜ୍ଞା ପଟ୍ଟନାୟକ, ନିତ୍ୟରଞ୍ଜନ ନନ୍ଦ, ଅମିତ ପାଲ ସିଂ ପରିଚାଳନା କରିଥିଲେ ।

# କାର୍ସିନୋମା ଏଣ୍ଡୋମେଟ୍ରିଅମ୍ ମୂଲ୍ୟାୟନରୁ ପ୍ରମାଣ ପର୍ଯ୍ୟନ୍ତ ବିଷୟ ବସ୍ତୁ ଉପରେ କର୍ମଶାଳା



କଟକ(ନିପ୍ର): ପ୍ରାଚୀ ଏଜୁକେସନାଲ୍ ଫାଉଣ୍ଡେସନ୍ ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହର ସ୍ନାତକୋତର କର୍କଟ ପ୍ରତିଷ୍ଠାନ, କଟକର ଗାଇନେକୋଲୋଜିକାଲ୍ ଅଙ୍କୋଲୋଜି ବିଭାଗ ଦ୍ୱାରା "କାର୍ସିନୋମା ଏଣ୍ଡୋମେଟ୍ରିଅମ୍: ମୂଲ୍ୟାୟନରୁ ପ୍ରମାଣ ପର୍ଯ୍ୟନ୍ତ" ବିଷୟବସ୍ତୁ ଉପରେ ସି ଏମ୍ ଇ: ଗାଇନି ଅଙ୍କୋ ଅପଡେଟ୍ସ ଗ୍ରୁପ୍ – ଅଙ୍କୋସ୍କିୟର ସିଜନ୍-୨ ଆଜି ସକାଳ ୯ ଟାରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଶୈକ୍ଷିକ କାର୍ଯ୍ୟକ୍ରମକୁ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ (ଓ ୟୁ ଏଚ ଏସ ) ର ମାନ୍ୟବର କୁଳପତି ପ୍ରଫେସର ଡା. ମାନସ ରଞ୍ଜନ ସାହୁ , ପ୍ରଫେସର ଏମେରିଟସ୍ ଡା. ପୂର୍ଣ ଚନ୍ଦ୍ର ମହାପାତ୍ର ଓ ପ୍ରଫେସର ଡା. ଜୟଶ୍ରୀ ପଟ୍ଟନାୟକ୍ କାର୍ଯ୍ୟକ୍ରମକୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍ଘାଟନ କରିଥିଲେ । ଏହି ଅବସରରେ ପ୍ରଫେସର ଲଏମେରିଟସ୍ ଡା. ସୁଶୀଲ କୁମାର ଗିରି ଉପସ୍ଥିତ ଥିଲେ । ପ୍ରଫେସର ଡା. ନିକୋଲ୍ କନ୍ସିନ୍, ଅଷ୍ଟ୍ରିଆ–ପଏଣ୍ଡୋମେଟ୍ରିଆଲ୍ କର୍କଟର ମଲିକ୍ୟୁଲାର ବର୍ଗୀକରଣ ଏବଂ ଗାଇଡଲାଇନ୍ସ ଉପରେ ଆଲୋଚନା କରିଥିଲେ । ଡା. ବିଜୟ କୁମାର ଆହୁଜା, ଆଷ୍ଟର ଇଂଟରନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଅଙ୍କୋଲୋଜି–ପଆଡଜୁଭାଂଟ ଚିକିତ୍ସା ରଣନୀତି ଏବଂ ଉନ୍ନତ ଏଣ୍ଡୋମେଟ୍ରିଆଲ୍ କାର୍ସିନୋମାରେ ଇମ୍ୟୁନୋଥେରାପିର ଭୂମିକାପ ଉପରେ ବକ୍ତବ୍ୟ ରଖିଥିଲେ । ପ୍ରଫେସର ଡା. ବିଶ୍ୱଜିତ୍ ଦାଶ ପସେଂଟିନେଲ୍ ଲିମ୍ଫ ନୋଡ୍ ମ୍ୟାପିଂ ଏବଂ ଉନ୍ନତ ଶଲ୍ୟ ଚିକିତ୍ସା ପଦ୍ଧତିପ ଉପରେ ଆଲୋଚନା କରିଥିଲେ । ପ୍ରଫେସର ଏମେରିଟସ୍ ଡା. ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର – ଓଡ଼ିଶାରେ ଗାଇନେକୋଲୋଜିକାଲ୍ କର୍କଟ ଚିକିତ୍ସାର ବିକାଶ ଧାରା ଉପରେ ଅନୁଭୂତି ବାଂଟିଥିଲେ । ପ୍ରଫେସର ଏମେରିଟସ୍ ଡା. ସୁଶୀଲ କୁମାର ଗିରି–ଯୁବ ଅଙ୍କୋଲୋଜିଷ୍ଟମାନଙ୍କ ପାଇଁ ଶଲ୍ୟ ମାର୍ଗଦର୍ଶନ ଓ ପ୍ରମାଣ-ଭିତିକ ତାଲିମର ଗୁରୁତ୍ୱ ଉପରେ ଆଲୋକପାତ । ପ୍ରଫେସର ଡା. ଭାଗ୍ୟଲକ୍ଷ୍ମୀ ନାୟକ ପଏଣ୍ଡୋମେଟ୍ରିଆଲ୍ କର୍କଟରେ ହର୍ମୋନାଲ୍ ଥେରାପି ଓ ଫର୍ଟିଲିଟି ସଂରକ୍ଷଣପ ବିଷୟରେ ଆଲୋଚନା କରିଥିଲେ । ପ୍ରାଚୀ ଏଜୁକେସନାଲ୍ ଫାଉଣ୍ଡେସନ୍ ପକ୍ଷରୁଂଚପ୍ରଫେସର ଡା. ଜୟଶ୍ରୀ ପଟ୍ଟନାୟକ ଓ ପ୍ରଫେସର ଡା. ଇନ୍ଦୁ ଭୂଷଣ କର ଏହି ଶୈକ୍ଷିକ ପଦକ୍ଷେପକୁ ପ୍ରଶଂସା କରିବା ସହ ରାଜ୍ୟରେ କର୍କଟ ସଚେତନତା ଓ ତାଲିମ ପାଇଁ ଫାଉଣ୍ଡେସନ୍ ର ପ୍ରତିବଦ୍ଧତା ଦୋହରାଇଥିଲେ । ଗାଇନି ଅଙ୍କୋ ବିଭାଗ ମୁଖ୍ୟ ତଥା ଆୟୋଜକ ଅଧକ୍ଷ ପ୍ରଫେସର ଡା. ଜନ୍ମେଜୟ ମହାପାତ୍ର କହିଥିଲେ ଯେ, ଗ୍ରୁପ୍ ସିଜନ୍-୨ର ଲକ୍ଷ୍ୟ ହେଉଛି ମଲିକ୍ୟୁଲାର-ଆଧାରିତ ଚିକିତ୍ସା ଓ ମିନିମାଲି ଇନଭେସିଭ୍ ସର୍ଜରୀ ବିଷୟରେ ଅଦ୍ୟତନ ଜ୍ଞାନ ପ୍ରଦାନ କରିବା । ଏହିସି ଏମ୍ ଇ ର ସଂଯୋଜକ ଥିଲେ ସହକାରୀ ପ୍ରଫେସର ଡା. ସୂର୍ଯ୍ୟକାନ୍ତ ଜୟସିଂହ । ଓ ୟୁ ଏଚ ଏସ ର ନିର୍ଦ୍ଦେଶକ ଡା. ଦୀପକ କୁମାର ରାଉତରାୟ, ଆଚାର୍ଯ୍ୟ ହରିହର ପୋଷ୍ଟ ଗ୍ରାଜୁଏଟ ପ୍ରତିଷ୍ଠାନ କର୍କଟ ରୋଗ ର ଡିନ୍ ଓ ପ୍ରିନ୍ସିପାଲ୍ ପ୍ରଫେସର ଡା. ରେଖା ଦାସ ଏବଂ ସୁପରିଂଟେଣ୍ଡେଂଟ ପ୍ରଫେସର ଡା. ନିହାରିକା ପଣ୍ଡା ଉପସ୍ଥିତ ଥିଲେ । ବିଭାଗର ଡା. ତୁଷାର ମହାପାତ୍ର, ଡା. ସୋନି ନନ୍ଦ, ସମସ୍ତ ଫ୍ୟାକଲ୍ଟି ସଦସ୍ୟ ଓ ଏମ୍ ସି ଏଚ ଛାତ୍ରଛାତ୍ରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ପ୍ୟାନେଲ୍ ଆଲୋଚନା, କେସ୍-ଭିତିକ ବିତର୍କ ଓ ଭିଡିଓ ଉପସ୍ଥାପନା ମାଧ୍ୟମରେ ୧୫୦ ରୁ ଅଧିକ ପ୍ରତିନିଧି ଉପକୃତ ହୋଇଥିଲେ । ଆୟୋଜକ ଦଳଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବୈଧ ଧାନ ପରିବହନ ବିରୋଧରେ କଡା ଯାଂଚ ଜାରି: ଦୁଇ ଟ୍ରକରୁ ୧୭୨ କ୍ୱିଂଟାଲ ଧାନ ଜବତ



ନୂଆପଡା(ନିପ୍ର): ନୂଆପଡ଼ା ଜିଲ୍ଲାରେ ଅବୈଧ ଧାନ ପରିବହନ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କଡା ଯାଂଚ ଜାରି ରହିଥିବା ବେଳେ ଦୁଇଟି ଭିନ୍ନ ଘଟଣାରେ ମୋଟ ୧୭୨.୭୪ କ୍ୱଂଟାଲ ଧାନ ଜବତ କରାଯାଇଛି । ପ୍ରଥମ ଘଟଣାରେ, ନିୟମିତ ପେଟ୍ରୋଲିଂ ସମୟରେ ଏନଏଚ–୩୫୩ ଅନ୍ତର୍ରାଜ୍ୟ ଛତିଶଗଡ଼ ସୀମାନ୍ତରେ ଗାଡ଼ି ନମ୍ବର ଉଏ ୧୦ ଇଗ ୦୧୮୧ କୁ ଅଟକାଯାଇଥିଲା । ଉକ୍ତ ଗାଡ଼ିର ଚାଳକ ଶାନ୍ତନୁ ପଟେଲଙ୍କ ନିକଟରୁ ୪୧୦ ବସ୍ତାରେ ରହିଥିବା ୧୨୨.୫୪ କ୍ୱିଂଟାଲ ଧାନ ଜବତ କରାଯାଇଛି । ଏହି ଚଢାଉ ସମୟରେ ଏସିଏସଓ ହୃଷିକେଶ ନାୟକ ଓ ଯୋଗାଣ ନିରୀକ୍ଷକ ଶୁଭଶ୍ରୀ ଦାଶ ଉପସ୍ଥିତ ଥିଲେ । ଦ୍ୱିତୀୟ ଘଟଣାରେ, ଜିଲ୍ଲା ଏନଫୋର୍ସମେଂଟ ସ୍କ୍ୱାଡ୍ ଦ୍ୱାରା ସିନାପାଲି ବ୍ଲକର ବରଗାଁ ଅଂଚଳରେ ଗାଡ଼ି ନମ୍ବର ଡଉ୨୬ ଉ୧୬୯୪ କୁ ଅଟକାଯାଇଥିଲା । ଗାଡ଼ିର ଚାଳକ ବିସିକେଶନ ବୈଠାରୁଙ୍କ ନିକଟରୁ ୧୨୫ ବସ୍ତାରେ ଥିବା ୫୦.୨୦ କ୍ୱିଂଟାଲ ଧାନ ଜବତ କରାଯାଇଛି । ଏହି ଯାଂଚ ସମୟରେ ଯୋଗାଣ ନିରୀକ୍ଷକ ଦେବେନ୍ଦ୍ର ସେଠିଆ (ସିନାପାଲି), ଆଲୋକ ପାତ୍ର (ବୋଡେନ) ଏବଂ ସୌମ୍ୟ ରଞ୍ଜନ ମହାନନ୍ଦ (ଖାରିଆର ) ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ଅବୈଧ ଧାନ ପରିବହନ ବିରୋଧରେ ଆଗାମୀ ଦିନରେ ମଧ କଡା କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ସୂଚନା ମିଳିଛି ।

# ସ୍ୱତନ୍ତ୍ର ସଘନ ସଂଶୋଧନର ତୃତୀୟ ପର୍ଯ୍ୟାୟ ପ୍ରସ୍ତୁତି

ପୁରୀ(ନିପ୍ର): ପୁରୀ ଜିଲ୍ଲା ରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର କାର୍ଯ୍ୟ ଆରମ୍ଭ ହୋଇ ଯାଇଛି । ମଇ ୨୦ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ବିଏଲଓ ମାନଙ୍କୁ ପ୍ରଶିକ୍ଷଣ ସହ ଆବଶ୍ୟକୀୟ ଫର୍ମ ପ୍ରସ୍ତୁତ କରାଯାଇଛି । ଇତି ମଧ୍ୟରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଦିବ୍ୟ ଜ୍ୟୋତି ପରିଡା ଆଲୋଚନା ବୈଠକ ମାଧ୍ୟମରେ ଏସଆଇଆର କାର୍ଯ୍ୟକ୍ରମ ସମ୍ପର୍କରେ ବିଷଦ ସୂଚନା ପ୍ରଦାନ ସହ ପ୍ରତ୍ୟେକ ବୁଥ ମାନଙ୍କ ରେ ବୁଥ ସ୍ତରୀୟ ଏଜେଂଟ ନିୟୋଜନ କରିବାକୁ ଅନୁରୋଧ କରିଛନ୍ତି । କାର୍ଯ୍ୟସୂଚୀ ଅନୁସାରେ ଏସଆଇଆର ପାଇଁ ଯୋଗ୍ୟତା ତାରିଖ ଜୁଲାଇ ୧ ତାରିଖ ଧାର୍ଯ୍ୟ କରାଯାଇଛି । ମଇ ୩୦ ତାରିଖ ଠାରୁ ଜୁନ ୨୮ ତାରିଖ ପର୍ଯ୍ୟନ୍ତ ବିଏଲଓ ମାନେ ଘରକୁ ଘର ପରିଦର୍ଶନ କରିବେ । ୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକ ର ଯୁକ୍ତି ସଂଗତ ପୁନର୍ବିନ୍ୟାସ କରାଯିବ । ଜୁଲାଇ ୫ ତାରିଖ ରେ ଖସଡା ଭୋଟର ତାଲିକା ପ୍ରକାଶ କରାଯିବ । ଦାବି ଓ ଆପତି ଦାଖଲ ସମୟ ସୀମା ଜୁଲାଇ ୫ ରୁ ଅଗଷ୍ଟ ୮ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି । ଜୁଲାଇ ୫ରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ, ଦାବି ଓ ଆପତିର ନିଷ୍ପତି ଗ୍ରହଣ କରାଯିବ । ସେପ୍ଟେମ୍ବର ୬ ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶନ କରାଯିବ ବୋଲି ନିର୍ବାଚନ କମିଶନ କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି । ଏହି ଜାତୀୟ କାର୍ଯ୍ୟକ୍ରମ ରେ ସମସ୍ତଙ୍କ ସହଯୋଗ ଜିଲ୍ଲା ପ୍ରଶାସନ କାମନା କରିଛନ୍ତି । ବିଏଲଓ ମାନେ ଭୋଟର ମାନଙ୍କ ଘରକୁ ଘର ପରିଦର୍ଶନ କରିବେ ଓ ଏନୁମେରେସନ ବା ପରିଗଣନା ଫର୍ମ ଗୃହସ୍ଥଙ୍କୁ ପ୍ରଦାନ କରିବେ । ସେମାନେ ଭୋଟର ମାନଙ୍କୁ ଫର୍ମ ପୂରଣ କରିବାରେ ମାର୍ଗଦର୍ଶନ କରାଇବେ । ପରିଶେଷରେ ବିଏଲଓ ଭୋଟର ଙ୍କ ଦ୍ୱାରା ଆବଶ୍ୟକ ସୂଚନା ସହ ପୂରଣ ହୋଇଥିବା ପରିଗଣନା ଫର୍ମ ସଂଗ୍ରହ କରିବେ ଓ ଭୋଟର ମାନଙ୍କୁ ଏକ ସ୍ୱୀକୃତି ପତ୍ର ବା ଆକନଲେଜମେଂଟ ରସିଦ ପ୍ରଦାନ କରିବେ । ଏ ସମସ୍ତ କାର୍ଯ୍ୟ ରେ ଭୋଟର ମାନେ ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି ।

# ଗ୍ରୀଷ୍ମ କାଳୀନ ହକି ପ୍ରଶିକ୍ଷଣ ଶିବିର ଉଦ୍ଯାପିତ




ଝାରସୁଗୁଡ଼ା(ନିପ୍ର): ଜିଲ୍ଲା ହକି ଆସୋସିଏସନ ଆନୁକୁଲ୍ୟରେ ବ୍ରଜରାଜନଗର ଠାରେ ଥିବା ଓରିଏଂଟ ପେପର ମିଲ୍ ପଡିଆରେ ଗ୍ରୀଷ୍ମ କାଳୀନ ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଗତ ୧୮ ତାରିଖରୁ ଆରମ୍ଭ ହୋଇ ଆଜି ୨୭ ତାରିଖରେ ଉଦଯାପିତ ହୋଇଛି । ଏହି ପ୍ରଶିକ୍ଷଣ ଶିବିରରେ ବ୍ରଜରାଜନଗର ପୌରପରିଷଦ ଅଧିନରେ ଥିବା ବିଭିନ୍ନ ସ୍କୁଲର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ । ଏଠାରେ ସୁଚନା ଯୋଗ୍ୟ ଯେ ବିଗତ ୪ ବର୍ଷରେ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ବ୍ଲକ ଅଂଚଳରେ ହକି ଖେଳ ପ୍ରତି ଆଗ୍ରହ ବଢୁଥିବା ବେଳେ ବ୍ରଜରାଜନଗର ଟାଉନ ଅଂଚଳରେ ଏହା ଆରମ୍ଭ ହୋଇ ନ ଥିଲା । ବ୍ରଜରାଜନଗର ପିଏମଶ୍ରୀ ଓପିଏମ ସରକାରୀ ବାଳିକା ସ୍କୁଲର ଶିକ୍ଷୟତ୍ରୀ ପ୍ରତିଭା ମହାପାତ୍ରଙ୍କ ନିଜସ୍ୱ ଚେଷ୍ଟାରେ ହକି ଆସୋସିଏସନର ସହଯୋଗରେ ଏହି ପ୍ରଶିକ୍ଷଣ ଶିବିରକୁ ପରିଚାଳନା କରାଯାଇଥିଲା । ୪୨ ଜଣ ଛାତ୍ର ଛାତ୍ରୀ ୧୦ ବର୍ଷରୁ ୧୩ ବର୍ଷ ବୟସ ମଧ୍ୟରେ ୩୦ ଜଣ ବାଳିକା ରହିଥିବା ବେଳେ ୧୨ ଜଣ ବାଳକ ରହିଥିଲେ । ଓଡିଶା ପୁର୍ବତନ ହକି ଖେଳାଳି ସକୁନ୍ଦ ନାଏକ ଓ ପ୍ରଫୁଲ କୁଲୁ ପ୍ରଶିକ୍ଷଣ ଦେଇଥିଲେ । ସକାଳ ୮ଟାରେ ଉଦଯାପନୀ ଦିବସରେ ଭାରତୀୟ ହକି ମହିଳା ଦଳର ପୁର୍ବତନ ଅଧିନାୟିକା ତଥା ମହିଳା ଦଳର ମୁଖ୍ୟ ଚୟନକର୍ତ୍ତା ସୁଭଦ୍ରା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଛୋଟ ଛୋଟ ବାଳକ ବାଳିକା ମାନଙ୍କୁ କ୍ରୀଡ଼ାର ମହତ୍ୱ ଓ ହକି ଖେଳ ଉପରେ ଆଲୋକପାତ କରିଥିଲେ । ଅନ୍ୟ ସମ୍ମାନୀୟ ଅତିଥି ଭାବରେ ହକି ଓଡିଶାର ଉପ-ସଭାପତି ଜୀବନ ମହାନ୍ତି, ପୂର୍ବତନ ଖେଳାଳି ତଥା ଶିଶୁ ମଙ୍ଗଳ ବିଭାଗର ଅଧକ୍ଷା ସଂଯୁକ୍ତା ମହାପାତ୍ର ଉପସ୍ଥିତ ରହି ଖେଳାଳି ମାନଙ୍କୁ ପ୍ରଶିକ୍ଷଣ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଜିଲ୍ଲା ହକି ଆସୋସିଏସନର ସଦସ୍ୟ କ୍ଲେମେଂଟ ରୋନାଲ୍ଡ ସଭା ପରିଚାଳନା କରିଥିବା ବେଳେ ପ୍ରଜ୍ୱଳ ପଟେଲ ଧନ୍ୟବାଦ ଜ୍ଞାପନ କରିଥିଲେ । ଅଶ୍ୱିନୀ ପାଣ୍ଡେ, ଆଶୋକ ପ୍ରଧାନ ଜିଲ୍ଲା କ୍ରୀଡ଼ା ସଂଘର ସଦସ୍ୟ କୈଳାସ ନାଏକ, ଭେଟେରାନ ଅନ୍ତର୍ଜାତୀୟ ଖେଳାଳି ସୁଜିତ ମହାନ୍ତି, ଅନିରୁଧ କେଓ୍ୱାଟ ଓ ସମ୍ବାଦିକ ତ୍ରିଲୋଚନ ଦାସ, ରାଶେଶ ଶାହ, ସକୁନ୍ଦ ନାଏକ, ପ୍ରଫୁଲ୍ଲ କୁଲୁ ଓ ଡ଼ିଫୋର ଟେଟେ ଉପସ୍ଥିତ ରହିଥିଲେ ।

No. 25001/262/2627

OFFICE OF THE SUPERINTENDING ENGINEER, RWS&S DIVISION, BALASORE
Tel: 06782-262249, email: eerwssbls@gmail.com.

1st Corrigendum

The Quotation Call Notice vide this office Quotation No. 01/2026-27 dated 14.05.2026 for the work "Designing, Supply, Erection, Installation & Commissioning of Iron Removal Filter Plant for Tube Well & Production Well including all necessary pipeline work & civil work" is hereby amended due to unavoidable circumstances.

The following changes have been made regarding the schedule of bid submission and opening:

1. The Quotation document will be available in O/O the Superintending Engineer, RWS&S, Division, Balasore: From 28.05.2026 (8.00 AM) to 05.06.2026 (12.00 Noon)
2. Date of opening of quotation/bids: 05.06.2026 at 01.00 PM.

The other terms & conditions of are remain unaltered.

OIPR. 25001/25013/1/26-27/0002

Sd/-
Executive Engineer
RWS&S Division, Balasore

No. 13001/655/2627

OFFICE OF THE BASUDEVPUR MUNICIPALITY, BHADRAK.
No.-601(w) Date: -22.05.26

E-Procurement Notice
BID Identification No BM_TCN_04_2026-27

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in/nicgep/app

| | | |
|---|---|---|
| 1. | Name of the Work | : Civil Const works as mentioned in DTCN |
| 2. | No. of works | : 02 nos. |
| 3. | Estimated Cost | : As per Work List |
| 4. | Period of Completion | : As per DTCN |
| 5. | Date and Time of Bidding | : 26-05-2026(10am) to 01-06-2026 |
| 6. | Last date and time for receipt | : 01-06-2026 up to 5.00 pm |
| 7. | Bids received online shall be opened on | : 02-06-2026 from 11 am onwards |
| 8. | Name and address of the Officer Inviting Bid | : Executive Officer, Basudevpur Municipality |

OIPR. 13001/13135/1/26-27/0003

Sd/-
Executive Officer
Basudevpur Municipality











ଆମେ ବିପତିକୁ ଯେତେ ଡରିବା ସେ ଆମକୁସେତିକି ବିବ୍ରତ କରି ପକାଇବ । ଭୟ, ଦୁଃଖ, ଅଜ୍ଞାନକୁ ହଟାଇ ପାରିଲେ ଆମେ ପ୍ରଭୁ କୃପା ଲାଭ କରିପାରିବା ।

# ଆଜିକାଲି



ଧୂମେନାବ୍ରିୟତେ ବହ୍ନିର୍ଯଥାଦର୍ଶୋ ମଳେନ ଚ ।
ଯଥୋଲ୍ୱେନାବୃତୋ ଗର୍ଭସ୍ତଥା ତେନେଦମାବୃତମ୍
(ଶ୍ରୀମଦ୍ ଭଗବଦ୍ ଗୀତା)

ଭାବାର୍ଥ : ଅଗ୍ନି ଯେପରି ଧୂଆଁରେ ଆବୃତ ହୋଇଥାଏ । ଦର୍ପଣ ଯେପରି ଧୂଳିଦ୍ୱାରା ଆବୃତ ହୋଇଥାଏ ତଥା ଗର୍ଭ ଯେପରି ଜରାୟୁ ଦ୍ୱାରା ଆବୃତ ହୋଇ ରହିଥାଏ, ଏହି ଜ୍ଞାନ ସେହିପରି କାମ ଦ୍ୱାରା ଆବୃତ ହୋଇ ରହିଥାଏ ।

## ମହିଳା କେତେ ସୁରକ୍ଷିତ ?

ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଆଇନ ପାର୍ଲିଆମେଂଟରେ ପ୍ରଣୟନ ହେବାର ଇତିମଧ୍ୟରେ ଦୁଇ ଦଶନ୍ଧି ଅତିକ୍ରମ କରିସାରିଛନ୍ତି । ଘର ଭିତରେ ମହିଳାଙ୍କୁ ହିଂସାରୁ ସୁରକ୍ଷା ଦେବା ପାଇଁ ଦୁଇ ଦଶନ୍ଧି ତଳେ ଅର୍ଥାତ ୨୦୦୫ ମସିହାରେ ଯେତେବେଳେ ଆଇନଟି ପାର୍ଲିଆମେଂଟରେ ସର୍ବସମ୍ମତ କ୍ରମେ ଗୃହିତ ହୋଇଥିଲା, ସେତେବେଳେ ଦେଶରେ ମହିଳାଙ୍କ ସୁରକ୍ଷା କ୍ଷେତ୍ରରେ ଏହା ଏକ ନିର୍ଣ୍ଣାୟକ ମୋଡ ନେଇଥିଲା । ଘର ଭିତରେ ମହିଳାଙ୍କ ପ୍ରତି ହେଉଥିବା ହିଂସା, ଅତ୍ୟାଚାର ନିର୍ଯ୍ୟାତନାକୁ ଅପରାଧ ଭୁକ୍ତ କରାଯିବା ସହ ପରିବାର ଭିତରେ ମହିଳାଙ୍କୁ କେତେକ ଅଧିକାର ପ୍ରଦାନ କରାଯାଇଛି । ଏହି ଆଇନ ମଧ୍ୟ ମହିଳାଙ୍କ ପ୍ରତି ଶାରିରୀକ, ମାନସିକ, ଯୌନ ଏବଂ ଆର୍ଥୀକ ନିର୍ଯ୍ୟାତନାକୁ ଘରୋଇ ହିଂସା ଭାବେ ଆଇନରେ ସ୍ୱୀକୃତି ଦିଆଯାଇଥିଲା । ଆହୁରି ମଧ୍ୟ ଆଇନ ସମ୍ପର୍କରେ ମହିଳାମାନଙ୍କୁ ସଚେତନ କରାଇବା ପାଇଁ ବ୍ୟାପକ ପ୍ରଚାର କରାଯାଇଥିଲା । ଏହା ସତ୍ୱେ ମହିଳାମାନେ ଥିବା ସେମାନଙ୍କର ଅଧିକାର ସମ୍ପର୍କରେ ଏବେ ବି ସଚେତନ ନଥିବା ମନେହୁଏ । କେତେକ ବିଶ୍ୱାସ କରନ୍ତି ଯେ, କେବଳ ଶାରିରୀକ ନିର୍ଯ୍ୟାତନା ମାଡ ହେଉଛି ଘରୋଇ ହିଂସା । ଏହାମଧ୍ୟ ନିସନ୍ଦେହ ଯେ, ଗ୍ରାମାଚଂଳ ଏବଂ ଅବହେଳିତ ସମାଜରେ ପତ୍ନୀଙ୍କୁ ମାଡ ଘଟଣାରେ ଏହି ଆଇନ ସହାୟତା ପ୍ରଦାନ କରେ ନାହିଁ । କାରଣ ଗାଁ ଗହଳି ଦୁର୍ଗମ ଅଂଚଳରେ ହିଂସା ଘର ଭିତରେ ସୀମାବଦ୍ଧ ହୋଇ ରହିଯାଏ । କାରଣ ମହିଳାମାନେ ନିର୍ଯ୍ୟାତନା, ମାଡ ନେଇ ସ୍ୱାମୀ ଏବଂ ପରିବାର ସଦସ୍ୟଙ୍କ ବିରୁଦ୍ଧରେ ଥାନାରେ ଏତଲା ଦେବା ବା ଅଭିଯୋଗ କରିବା ପାଇଁ କୁଣ୍ଠିତ ଏହାର ମୂଳକାରଣ ହେଉଛି ସାମାଜିକ, ଆର୍ଥୀକ ଦୁରାବସ୍ଥା ଏବଂ ସମର୍ଥନର ଅଭାବ । ଆହୁରି ମଧ୍ୟ ଆଇନରେ ଥିବା ବ୍ୟବସ୍ଥା ତଥା ସୁରକ୍ଷା ନିର୍ଦ୍ଦେଶ, ଆର୍ଥୀକ ସହାୟତା ଏବଂ ଅଧିକାର ସତ୍ୱେ ପରିବହନ ବିରୁଦ୍ଧରେ ଯିବା ଲାଗି ପିଡିତା ମହିଳା ଆଇନର ସହାୟତା ନେବା ଲାଗି ଆଗ୍ରହୀ ନୁହଁନ୍ତି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ-୫ (୨୦୧୯-୨୧) ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ଘରୋଇ ହିଂସା ବିରୁଦ୍ଧରେ ପଦକ୍ଷେପ ନେବା କ୍ଷେତ୍ରରେ ମହିଳାଙ୍କୁ ଅସହାୟତା ନେଇ ସଂକେତ ପ୍ରଦାନ କରୁଛି, ରିପୋର୍ଟରେ ପ୍ରକାଶ ପାଇଛି ଯେ, ଶାରିରୀକ କିମ୍ବା ଯୌନ ନିର୍ଯ୍ୟାତନାର ଶିକାର ମହିଳାଙ୍କ ମଧ୍ୟରୁ ମାତ୍ର ୧୪ପ୍ରତିଶତ ମହିଳା ଆଇନର ସହାୟତା ନେଇଥାନ୍ତି । ଏପରିକି ମାନସିକ କିମ୍ବା ଆର୍ଥୀକ ଗାଳି ମନ୍ଦ ଘଟଣା ଅଭିଯୋଗରେ ଆଦୌ ଦୃଷ୍ଟିଗୋଚର ହୋଇନାହିଁ । ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ଜାନୁୟାରୀ ରୁ ମେ ମାସ ମଧ୍ୟରେ ଜାତୀୟ ମହିଳା କମିଶନରେ ଦାୟର କରିଥିବା ମାମଲାଗୁଡିକ ମଧ୍ୟରେ ଘରୋଇ ହିଂସା ଅଭିଯୋଗ ଶୀର୍ଷରେ ରହିଛି । ସେହିପରି ୨୦୨୪ରେ ଜାତୀୟ ମହିଳା କମିଶନରଙ୍କ ନିକଟରେ ଦାଖଲ ହୋଇଥିବା ମୋଟ ଅଭିଯୋଗ ମଧ୍ୟରେ କେବଳ ଘରୋଇ ହିଂସା ହେଉଛି ୨୪ ପ୍ରତିଶତ ବୋଲି କୁହାଯାଇଛି । ବହୁ ଅଭିଯୋଗ ଲୋକଲୋଚନକୁ ଆସିନଥିବା ବେଳେ ଦେଶର ମହିଳା ବିରୋଧି ହିଂସା କେତେ ବ୍ୟାପକ ତାହା ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ । ଏହା ନିସନ୍ଦେହ ଯେ, ତଥ୍ୟର ଅଭାବ ଏବଂ ଅଦଲତରେ ବିଚାରାଧୀନ ବା ପଡିରହିଥିବା ମାମଲାଗୁଡିକୁ ଏକତ୍ର କଲେ, ଦେଶରେ ଘରୋଇ ହିଂସା ବିରୋଧି ଆଇନ କାର୍ଯ୍ୟକାରିତା ଯେ, ସନ୍ତୋଷଜନକ ନୁହେଁ ଏହା ସ୍ପଷ୍ଟ ସୂଚନା ପ୍ରଦାନ କରେ । ଦେଶର ବିଭିନ୍ନ ଅଦାଲତ ଗୁଡିକରେ ୨୦୨୨ ସୁଦ୍ଧା ୪ ଲକ୍ଷ ୭୧ହଜାର ମାମଲା ପଡିରହିଥିବା କୁହାଯାଇଛି । ଯଦି ଅଦାଲତଗୁଡିକରେ ମାମଲାର ତ୍ୱରିତ ଫଇସଲା ନହୁଏ, ନ୍ୟାୟ ପାଇଁ ଲଢେଇ କରୁଥିବା ମହିଳାମାନେ ହୁଏତ ଓହରିଯିବା ଆଶଙ୍କାକୁ ଅଣଦେଖା କରାଯାଇନପାରେ । କଥାରେ ଅଛି 'ବିଳମ୍ବିତ ନ୍ୟାୟ, ବିଡମ୍ବିତ ନ୍ୟାୟ' ଅର୍ଥାତ ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ । ଅଦାଲତରେ ମାମଲାର ତ୍ୱରିତ ଫଇସଲା ସହ ଆଇନର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ବ୍ୟାପକ ପ୍ରଚାର ସହ ମହିଳାଙ୍କ ମଧ୍ୟରେ ସଚେତତା ସୃଷ୍ଟି କରାଯିବା ଆବଶ୍ୟକ । ସେହିପର ଆଇନରେ ଥିବା ତୃଟି ସଂଶୋଧନ ପାଇଁ ଏବେ ସମୟ ଆସିଛି । ଅନ୍ୟଥା ଆଇନ କେବଳ ଆଇନରେ ସୀମାବଦ୍ଧ ହୋଇରହିଯିବ ।

## ଗ୍ରୀଷ୍ମ

◆ ରାମଚନ୍ଦ୍ର ବେହେରା



ପ୍ରଚଣ୍ଡ ନିଦାଘ ଅଗ୍ନି ବରଷୁଛି
ଶୂନଶାନ୍ ବାଟ ଘାଟ
ଗୁଳୁଗୁଳି ପାଇଁ ଝାଳ ଥମେ ନାହିଁ
ପ୍ରାଣ ହୁଏ ଛଟପଟ
ଶୁଖା ନାଳ ନଈ ଧାର
ଜୀବକୂଳ ଆଜି ଡହଳ ବିକଳ
ନମିଳେ ଦି'ବୁନ୍ଦା ନୀର ।
ସରଳ ଶକ୍ତିର ଆଧାର ଗ୍ରୀଷମ
ଆସିଛି ବସନ୍ତ ପରେ
ବିପଦ ସଂକୁଳ ଝାଂଜିର ପରଶେ
ଅଂଶୁଘାତ ଭୟ ଘାରେ
ଧୂଳି ଧୂସରିତ ମହୀ
କେବେ କେବେ ଆସେ କାଳ ବୈଶାଖୀଟା
ବିକଟାଳ ରୂପ ନେଇ ।
ଝାଉଁଳା ପତ୍ରରେ ପାଦପ କାନ୍ଦଇ
ଜୀବଜନ୍ତୁ ହନ୍ତସନ୍ତ
ହେଲେ ଦିନମଣି ପ୍ରଖର ଦୀପ୍ତିରେ
କରନ୍ତି ଜଗତ ହିତ
କୀଟ ଓ ଜୀବାଣୁ ନାଶି
ସୁନା ଗହୀରକୁ ସୁରକ୍ଷା ଦିଅନ୍ତି
ମୁରୁକି ମୁରୁକି ହସି ।
ଚଲାପଥେ ଖେଳେ ମୃଗତୃଷ୍ଣା ଛାୟା
ଥକାପଣ ଆସେ ଘେରି
ଗ୍ରୀଷ୍ମ ଅବକାଶେ ଯାଆନ୍ତି ସରବେ
ଆନନ୍ଦ ଉଲ୍ଲାସ ଭରି
ଏଲ୍ ନିନୋ କରେ ଉତ୍ପାତ
ଶୁଭ୍ର ମେଘମାଳା ଆକାଶେ ଭାସଇ
ଦିଅଇ ବର୍ଷା ସଂକେତ ।
ଗ୍ରୀଷ୍ମ ବିନା କେବେ ନୁହଁଇ ସମ୍ଭବ
ରିମଝିମ୍ ବର୍ଷା ସ୍ୱନ
ଗ୍ରୀଷ୍ମ ଅନ୍ତେ ହସେ ଶ୍ୟାମଳା ଧରଣୀ
ହସେ ବନ ଉପବନ
ଗ୍ରୀଷ୍ମ ହିଁ ଜଗତ ମିତ
ଗ୍ରୀଷ୍ମ କରିଥାଏ ପରିବେଶ ରକ୍ଷା
ସଂସାରକୁ ରୋଗ ମୁକ୍ତ ।

*ତେନ୍ତୁଳିପଦା, ଜଗତସିଂହପୁର, ମୋ-୭୩୫୫୬୩୪୩୪୬*

# ପ୍ରକୃତି ସୁରକ୍ଷାରେ ଆଦିବାସୀ



◆ ଦଶରଥ ହେମ୍ବ୍ରମ୍

ପ୍ରକୃତି କୋଳରେ ଜନ୍ମଲାଭ କରି ଘରଦ୍ୱାର କରି ରହିବା ଏବଂ ଗାଁ ଗଢ଼ି ସଭ୍ୟତା ଆରମ୍ଭ କରିଥିବା ପ୍ରଥମ ଅଧିବାସୀ ହେଉଛନ୍ତି ଆଦିବାସୀ । ହୋ ରୁ ଆରମ୍ଭ କରି ମୁଣ୍ଡା, ସାନ୍ତାଳ, ଶବର, କନ୍ଧ, ମାହାଲୀ, ବିରହଲ, ଓରାମ, କୋଲ୍ହ ପ୍ରଭୃତି ଆଦିବାସୀ ଶ୍ରେଣୀର ଲୋକମାନେ ଏଠାରେ ବସବାସ କରନ୍ତି । ମୁଖ୍ୟ ଚାଷ ଧାନ ସହିତ ଆଶୁ, ବାଜରା (ଝାଳା), ଗୁନ୍ଦୁଲି, ମାଣ୍ଡିଆ, ମକା, ରାଶି, କୋଳଥ, ହରଡ଼, ବିରି, ମୁଗ, ହଳଦି, ସୋରିଷ, ଅଦା ଆଦି ଚାଷ କରନ୍ତି । ତା' ସହିତ ଗାଈ-ବଳଦ, ମଇଁଷି, ମେଣ୍ଢା, ଛେଳି, ଘୁଷୁରି, କୁକୁଡ଼ା, ବତକ ଓ ପାରା ମଧ୍ୟ ଘରେ ଚାଷ କରନ୍ତି । ଚାଷବାସ କାର୍ଯ୍ୟରେ ଗାଈ-ବଳଦ ଓ ମଇଁଷିମାନଙ୍କୁ ବ୍ୟବହାର କରାଯାଏ । ପ୍ରଥା ଓ ପରମ୍ପରା ଅନୁସାରେ ଆଦିବାସୀ ମାନେ ଜଙ୍ଗଲରୁ ଶିକାର କରନ୍ତି । ବାରହା (ବଣ ଘୁଷୁରି), କୁଟୁରା, ଠେକୁଆ, କଟାଶ, ନେଉଳ, ମୂଷା, ପକ୍ଷୀ ଶିକାର କରି ଘରକୁ ଫେରନ୍ତି । ସେମାନଙ୍କ ବିଶ୍ୱାସ ରହିଛି ଯେ, ଶିକାରୀଙ୍କ ଧନୁତୀରରେ ପଶୁପକ୍ଷୀ ଶିକାର ହୋଇ ରକ୍ତ ମାଟିରେ ପଡ଼ିଲେ ସେହି ବର୍ଷ ଶୁଭଦାୟକ ଏବଂ ଭଲ ବୃଷ୍ଟିପାତ ହୁଏ । କିନ୍ତୁ ଜଙ୍ଗଲକୁ ଶିକାର କରିବା ପୂର୍ବରୁ ଜଙ୍ଗଲ ଦେବତାଙ୍କୁ ଆରାଧନା କରିଥାନ୍ତି, ହିଂସ୍ର ବନ୍ୟଜନ୍ତୁ କବଳରୁ ରକ୍ଷା ପାଇବା ପାଇଁ ବିରବଙ୍ଗା (ଜଙ୍ଗଲ ଦେବତା)ଙ୍କ ପାଖରେ ପ୍ରାଥନା କରି ସମର୍ପଣ ହୁଅନ୍ତି । ନଈ, ନାଳ, ଝରଣା ଓ ପୋଖରୀରେ ମାଛ ଧରିବା ସେମାନଙ୍କ ଏକ ପ୍ରକାର ନିଆରା ପରମ୍ପରା ରହିଛି । ତେଣୁ ପ୍ରକୃତି ଓ ଆଦିବାସୀ ମଧ୍ୟରେ ଥିବା ସମ୍ପର୍କ ସଭ୍ୟତା ଆରମ୍ଭରୁ ରହିଛି, ଏଥିରେ କୌଣସି ଦ୍ୱିମତ ହେବାର ପ୍ରଶ୍ନ ହିଁ ନାହିଁ । ଆଦିବାସୀମାନେ ହେଉଛନ୍ତି ପ୍ରକୃତିର ସନ୍ତାନ । ପ୍ରକୃତିକୁ ପିତା ଓ ମାତା ଭଳି ମାନନ୍ତି । ସୁରକ୍ଷା ଦିଅନ୍ତି ଏବଂ ପୂଜାପାର୍ବଣରେ ପ୍ରକୃତିକୁ ପୂଜା କରନ୍ତି । ଜନଜୀବନରେ ସେମାନଙ୍କର ଯେତିକି ଆବଶ୍ୟକତା ରହିଥାଏ, ତାହା ପ୍ରକୃତି ଉପରେ ହିଁ ନିର୍ଭର କରି ଗୁଜୁରାଣ ମେଂଟାଇଥାନ୍ତି । ଖାଲି ସେତିକି ନୁହଁ, ପ୍ରକୃତି ସହିତ ରହିଛି ସେମାନଙ୍କର କଳା, ଭାସ୍କର୍ଯ୍ୟ, ସଂସ୍କୃତି, ଐତିହ୍ୟ, ପ୍ରଥା-ପରମ୍ପରା, ରୀତିନୀତି, ପ୍ରଚଳିତ ସାମାଜିକ ବ୍ୟବସ୍ଥା ଓ ଇତିହାସ, ଯାହା ଆଦିବାସୀଙ୍କ ଜୀବନ ବା କଳିଜା କୁହାଯାଏ । ଏସବୁ ଛାଡ଼ି ଆଦିବାସୀମାନେ କେବେ ଏକା ବଂଚ ପାରନ୍ତି ନାହିଁ, ଯଦିବି ଏସବୁ ଛାଡ଼ି ଯେଉଁମାନେ ବ୍□ଛନ୍ତି ସେମାନଙ୍କ କିଛି ନା କିଛି ନିଜ ନିଜର ସ୍ୱାର୍ଥରେ ବୁଡ଼ି ରହନ୍ତି ଅର୍ଥାତ ଲୋଭ-ଲାଳସାରେ ବଶବର୍ତୀ ହୋଇ ନିଜ ସଂସ୍କୃତି, ପରମ୍ପରା ଓ ସାମାଜିକ ବ୍ୟବସ୍ଥା ଠାରୁ ଦୂରେଇ ଯାଆନ୍ତି ଏବଂ ଆଦିବାସୀର ପରିଚୟ ଓ ଅସ୍ମିତା ଧ୍ୱଂସ ଆଡ଼କୁ ଠେଲି ଦିଅନ୍ତି । ଆଦିବାସୀମାନେ କୁହନ୍ତି 'ପ୍ରକୃତି ହେଉଛି ଆମର ଦେବତା' । ଆମେ ଏହାର ସୁରକ୍ଷା କରୁଛୁ, ଏଠି ଟଙ୍କା ପାଇଁ ନୁହେଁ, ବରଂ ଆମର ସାମାଜିକ, ସଂସ୍କୃତି, ପରମ୍ପରା ଓ ସହାବସ୍ଥାନ ପାଇଁ । ପୁଣି ସେମାନଙ୍କ ଉକ୍ତିରୁ ଜଣାଯାଏ 'ଯଦି ପ୍ରକୃତି ସଂରକ୍ଷଣ ହୋଇ ରହିବ, ତେବେ ଆମେ ମଧ୍ୟ ସୁରକ୍ଷିତ ହୋଇ ବଂଚବୁ । ଯଦି



ଆମେ ବଂଚବୁ, ତେବେ ପ୍ରକୃତି ମଧ୍ୟ ହସିବ, ବଢ଼ିବ ଏବଂ ସୁନ୍ଦର ସୁସ୍ଥ ପରିବେଶ ସୃଷ୍ଟି କରିବ' । ଏସବୁ ଅର୍ଥରୁ ସ୍ପଷ୍ଟ କରେ ଯେ, ପ୍ରକୃତରେ ପ୍ରକୃତିକୁ ସୁରକ୍ଷା ଦେବାରେ ଆଦିବାସୀ ହିଁ ସର୍ବାଗ୍ରେ । ଆହୁରି ଆମକୁ ମନେ ପକାଇ ଦିଏ ଯେ, ବୈଦେଶିକ କବଳରୁ ପ୍ରକୃତିକୁ ରକ୍ଷା କରବା ପାଇଁ ଆଦିବାସୀମାନେ ପ୍ରଥମ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ଉଠାଇଥିଲେ ଏବଂ ବାହ୍ୟଶତ୍ରୁ ସହିତ ଲଢ଼େଇ କରି ପ୍ରକୃତିକୁ ସୁରକ୍ଷା ଦେଇଥିଲେ । ଦୁଃଖର ବିଷୟ ଏୟା ଯେ, ଅନେକ ଆଦିବାସୀ ଯୋଦ୍ଧା ଏ ମାଟି-ପାଣି-ଜଙ୍ଗଲ ପାଇଁ ସହିଦ ହୋଇଛନ୍ତି କିନ୍ତୁ ବିଦେଶୀମାନଙ୍କ ଆଗରେ କେବେ ମୁଣ୍ଡ ନୁଆଇ ନଥିଲେ କିମ୍ବା ଗୁଲାମଗିରି କରିନଥିଲେ । ଏଥିପାଇଁ ତ କୁହାଯାଏ 'ପ୍ରକୃତିର ପ୍ରକୃତ ବନ୍ଧୁ ହିଁ ଆଦିବାସୀ' । ସେମାନେ ପ୍ରକୃତି ସହିତ ଏତେ ନିବିଡ଼ ଯେ ଏସବୁ ଛାଡ଼ି ପାରିବେ ବା କେମିତି ? ଦେଶ ସ୍ୱାଧୀନ ହେବାର ଅନେକ ବର୍ଷ ବିତିଗଲାଣି, ତଥାପି ଆଦିବାସୀ ମାନେ ପ୍ରକୃତି କୋଳରେ ରହି ହସଖୁସିରେ ଜୀବନ ବିତାଉଛନ୍ତି । ବିଜ୍ଞାନର ଜୟଯାତ୍ରା ଯୋଗୁଁ ମଣିଷ ଚନ୍ଦ୍ରପୃଷ୍ଠରେ ପହଂଚ ମଙ୍ଗଳ ଗ୍ରହରେ ଘର କରିବାକୁ ସ୍ୱପ୍ନ ଦେଖିଲାଣି । ରାଜନୈତିକ, ଅର୍ଥନୈତିକ କ୍ଷେତ୍ରରେ ବର୍ତମାନ ରାଷ୍ଟ୍ର ଅଗ୍ରଗତି କରିଚାଲିଛି । ଶିକ୍ଷା-ଦୀକ୍ଷାରେ ଅନ୍ୟ ବର୍ଗର ଲୋକମାନେ ଆଗକୁ ଯାଇ ବିଶ୍ୱକୁ ନିଜ ହାତର ନିୟନ୍ତ୍ରଣ ରଖିଛନ୍ତି । ସମୟ ସହ ପରିବେଶ ବଦଳିଛି ଏବଂ ମଣିଷ ମଧ୍ୟ ବଦଳି ଯାଇଛି ବୋଲି ଭାବିବା ଉଚିତ । ହେଲେ ବଦଳି ନାହାନ୍ତି ସେଇ ଆଦିବାସୀ ମାନେ । ସେମାନେ ଭୁଲି ନାହାନ୍ତି ଜୀବନ ଜୀବିକା ଆଉ ସଂସ୍କୃତିକୁ, ସଭ୍ୟତା ଆରମ୍ଭରୁ ଯେମିତି ଥିଲେ ଆଜି ମଧ୍ୟ ଠିକ୍ ସେମିତି ଅଛନ୍ତି । ପ୍ରତିଦିନ ସହରୀ ଲୋକଙ୍କ ସହିତ ଦେଖା-ସାକ୍ଷାତ, କଥାବାର୍ତା ଓ ଉତମ ସମ୍ପର୍କ ମଧ୍ୟ ରହୁଛି । ତଥାପି ସେମାନେ ଶାଗ, ପଖାଳ ଖାଇବାକୁ ଭଲ ପାଇବା ଆଉ ନୃତ୍ୟଗୀତ କରି ଜୀବନକୁ ହସ-ଉଲ୍ଲାସରେ ଅତିବାହିତ କରିବା ଏକ ପ୍ରକାର ଅନନ୍ୟ ପରମ୍ପରା କିନ୍ତୁ ଭବିଷ୍ୟତକୁ ପ୍ରାଧାନ୍ୟ କାହିଁକି ଦିଅନ୍ତି ନାହିଁ, ସେଇ କଥା ସେମାନେ ହିଁ ଜାଣିଛନ୍ତି । ଯାହାବି ହେଉ ଆଜି ଦେଶରେ ଆଦିବାସୀ ଅଛନ୍ତି ବୋଲି ଶୋଭାମୟ ପ୍ରକୃତି ସୁସଜ୍ଜିତ ହୋଇ ରହିଛି । ସାଂପ୍ରତିକ ପରିସ୍ଥିତିରେ ଲୋକମାନେ ଅଧିକ ରୋଜଗାର ପାଇଁ ଗାଁ ଛାଡ଼ି ସହରକୁ ଯାଉଛନ୍ତି । ସେଠାରେ ରହି ମୋଟା ଅଙ୍କର ଟଙ୍କା ରୋଜଗାର କରୁଛନ୍ତି । ସେମାନଙ୍କର ପିଲାଛୁଆଙ୍କୁ ବଡ଼ ବଡ଼ ଚାକିରି ନିଶାରେ ଅଜସ୍ର ପଇସା ଖର୍ଚ୍ଚ କରି ପାଠ ପଢ଼ାଉଛନ୍ତି । ଆଉ ଯୁବପିଢ଼ି ମାନେ ଅର୍ଥ ରୋଜଗାର ନିଶାରେ ଅନର୍ଥ ହୋଇ ନିଜକୁ ଭୁଲି ଯାଉଛନ୍ତି, ଦୂରେଇ ଯାଉଛନ୍ତି ନିଜ ସମ୍ପର୍କୀୟଙ୍କଠାରୁ, ଏମିତିକି ନିଜ ଜନ୍ମ ଦେଇଥିବା ପିତା ଓ ମାତାଙ୍କ ଠାରୁ ମଧ୍ୟ । ସେମାନଙ୍କୁ ସମୟ ଦେଇପାରୁ ନାହାନ୍ତି । ପରେ ନିଜ ଭାଗ୍ୟକୁ ଦୋଷ ଦିଆଯାଏ । ହେଲେ ଆଦିବାସୀ ମାନେ ଏହିପରି ପରିବେଶରୁ ସମ୍ପୂର୍ଣ୍ଣ ଅଲଗା । ସେମାନେ ଗାଁ ବ୍ୟବସ୍ଥା ଅନୁସାରେ ଗାଁ ମୁଖିଆଙ୍କୁ ଏବେବି ସମ୍ମାନ ଦିଅନ୍ତି । ଉଚିତ କଥାରେ ସମର୍ଥନ କରି ତାଙ୍କ କଥାକୁ ମାନି ଚଳନ୍ତି ଆଉ ଆଦର୍ଶ ଗ୍ରାମ ଗଠନ କରିବାର ରାସ୍ତା ଫିଟେ । ସ୍ୱତନ୍ତ୍ର ବ୍ୟବସ୍ଥା ଭିତରେ ଆଦିବାସୀମାନେ ରହିବାକୁ ପସନ୍ଦ କରନ୍ତି କିନ୍ତୁ କାହାରି ଗୋଲାମୀ କାରବାକୁ ନାପସନ୍ଦ କରନ୍ତି । ସ୍ୱାଭିମାନ ସହିତ ବଂଚବାକୁ ସେମାନେ ଭଲ ପାଆନ୍ତି । କଷ୍ଟ କରି ରୋଜଗାର କରନ୍ତି, ଯେତିକି ଯାହା ମିଳିଲା ସେଥିରେ ସନ୍ତୁଷ୍ଟ ହୁଅନ୍ତି ଓ ଶାନ୍ତିରେ ରୁହନ୍ତି ନିଜ ପରିବାର ସହିତ, ଯାହା ସାମାଜିକ ବ୍ୟବସ୍ଥା ବିଦିତ । ଧନ-ସମ୍ପତିରେ ସେମାନେ ଗରିବ ହୋଇପାରନ୍ତି କିନ୍ତୁ ଆଚରଣ, ଶିଷ୍ଟାଚାର, ସଂସ୍କାର, ନମ୍ର, ସରଳ, ଭଦ୍ର ସ୍ୱଭାବରେ ସେମାନେ ସବୁବେଳେ ଧନୀ । କାହାକୁ କଟାକ୍ଷ କରିବା, ଠକିବା, ମିଛ କହିବା, କଟୁ ସମାଲୋଚନା କରିବା ଭଳି ଆଚରଣ ଓ ଉଚ୍ଚାରଣ ସେମାନଙ୍କ ପାଖରେ ନାହିଁ, ତା'ଠାରୁ ସେମାନେ ଦୂରତା ଅବଲମ୍ବନ କରନ୍ତି । ନିଜର ସ୍ୱତନ୍ତ୍ରତାକୁ ବଜାୟ ରଖି ଆଦିବାସୀମାନେ ସଭ୍ୟତା ଆରମ୍ଭରୁ ମାଟି, ଗଛ, ପଥର, ପାହାଡ଼, ପର୍ବତ, ଝରଣା, ନଦୀ, ସୂର୍ଯ୍ୟ, ଆକାଶ, ଜହ୍ନକୁ ପୂଜା କରନ୍ତି । କାରଣ ମାଟି ମା'ର କୋଳ, ଗଛ, ଜଙ୍ଗଲ, ପାହାଡ଼ ଓ ପର୍ବତରୁ ଖାଦ୍ୟ ସଂଗ୍ରହ, ଝରଣା ଓ ନଦୀରୁ ପାଣି, ସୂର୍ଯ୍ୟ, ଚନ୍ଦ୍ର ଓ ଆକାଶରୁ ଆଲୋକ ପାଇ ବଂଚବା ଶିଖନ୍ତି ଓ ପଥରକୁ ସେମାନେ ଦେବତା ମାନନ୍ତି । ଏଥିରୁ ଅନୁମାନ କରିହେବ, ପ୍ରକୃତିକୁ ସୁରକ୍ଷା ଦେବାରେ ଆଦିବାସୀମାନଙ୍କ ଅବଦାନ ଅତୁଳନୀୟ । ଏହା ହିଁ ସେମାନଙ୍କ ସ୍ୱତନ୍ତ୍ର ପରିଚୟ ଆଉ ଆଦିବାସୀ ଅସ୍ମିତା ।

*ବାଲେଶ୍ୱର, ମୋ୯୩୩୭୪୦୪୨୫୪*

# ଆମେ ଦେଶୀ ନା ବିଦେଶୀ ?



◆ ଆର୍ତତ୍ରାଣ ଦାସ

ଆଜି ଯହିଁ ନାହିଁ ଶୁଣ ସେ ପୁଣି କାହାଙ୍କଠୁଁ ? ସମାଜର ଆଗଧାଡିର ଯେଉଁମାନଙ୍କ ପାଖରେ କିଛି, ଥାଉ ନଥାଉ ଜମିବାଡି ଘରଦ୍ୱାର ଗାଡି ଘୋଡା ବ୍ୟାଙ୍କ ବାଲାନ୍ସ ଆର୍ଥିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ସ୍ୱଚ୍ଛଳ ଏବଂ ଆରାମ ଅୟେସରେ ଯାହାଙ୍କ ଦିନ ବିତୁଛି । ସେମାନଙ୍କର ପ୍ରତିପତି ଅଛି ତେଣୁ ତ ସିଧାକଥା । ଭାଷଣବାଜିରେ ନିଶ୍ଚୟ ପାରଙ୍ଗମ -ଧୁରନ୍ଧର ପାଟିରେ ବାଟୁଳି ବାଜୁ ନଥିବ । ଯେହେତୁ ଗାଉଁଲି ମଳିମୁଣ୍ଡିଆ ପଛୁଆବର୍ଗର କେବଳ ଏଇୟା ଯେ ସେମାନଙ୍କ ପେଟପାଟଣା । ଠିକ୍ ଭାବେ ନେଇଆଣି ଥୋଇ ପାରୁନାହାଁନ୍ତି, ଆଉ ସେମାନଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟ ଆସିବ ବା କାହୁଁ ? ସଂସ୍କାର ରୀତିରେ ସେଇମାନେ ହିଁ ଏଇ ଯେଉଁ ତୁଚ୍ଛା ବୃଥା ଅସ୍ମିତା ସମ୍ବନ୍ଧେ ଗଳା ଫଟା ଭାଷଣ ରଖୁଛନ୍ତି, କଥା ନ ଶୁଣିଲେ ଶୁଣିବ କିଏ ? ଧନରତ୍ନ, ଅଭାବ ନାହିଁ ସେମାନେ ଯେତେବେଳେ ଯାହା ମନେ କରିବେ ତାହାହିଁ କରିବେ କିନ୍ତୁ ବଚନରେ ଯାହା କହୁଥିବେ କାମରେ ନଥିବ ଓ କାମରେ ଯାହାଥିବ ତାଙ୍କୁ ବା କହିବ କିଏ ଯେ କାମ ବଚନ ଅଲଗା ଅଲଗା ବୋଲି । ବଡଘରିଆ ଲୋକମାନେ ଆଗଆଗ ମା ସମ୍ବୋଧନରୁ ମମି-ମାମା-ଡାକଟା ବଡଲୋକିଆ ଚିହ୍ନ । ଆଗରୁ କୋଉ ଗାଁରେ କିଏ ସେ ? ଦିନ ମଜୁରିଆ ମୂଲିଆ ଘରର ପିଲାମାନେ ମା ନ ଡାକି ବୋଉ ଡାକୁଥିଲେ କି ? ତା ପରେ ପରେ ସେମାନେ ମମି-ମାମା ଡାକି ଏମାନଙ୍କୁ ବୋଉ ଡାକଟା ଧରେଇ ଦେଇଛନ୍ତି । ଚଳଣି ସଂସ୍କାର ସଂସ୍କୃତି କ'ଣ ଚିରସ୍ଥାୟୀ ହୋଇ ରହିବ । ନା କଣ ? ସମାଜର ଶିକ୍ଷିତ ଲୋକ ମାନେ ଯେଉଁ ବାଟରେ ଗଲେ ଠିକ୍ ତାଙ୍କର ପଦାଙ୍କ ଅନୁସରଣ କରିବାକୁ ତଳ ଶ୍ରେଣୀର ଲୋକତ ବାଧ୍ୟ । ତେଣୁ ସେମାନେ ପଛୁଆ ବର୍ଗର । ଖାଦ୍ୟପାନୀୟ ବସନ ଆଭୁଷଣରେ ମଧ୍ୟ ଠିକ୍ ଏଇଆ ବଡଲୋକ ବଡଆଶାରେ ଅଧିକ ପାଇଁ ଦେଶୀ ଗାଈ ମଇଁଷି ପାଳିବା ପରିବର୍ତେ ଜର୍ସି ଶଙ୍କର ଜାତୀୟ ପାଳି ଅଧିକରୁ ଅଧିକ ଲାଭବାନ ହେବାର ଦେଖି ପଛୁଆ ଶ୍ରେଣୀର ଲୋକ ଆଉ କରିବେ ବା କଣ ? ଜୈବ ସାର ଖତ ପରିବର୍ତେ ରାସାୟନିକ ଖତ ଖାଦ ନେଇ ପ୍ରଚୁର ଲାଭବାନ ହେବାର ଦେଖି ବସନ ପରିଧାନ ଆଭୁଷଣ କଥା ଗରିବ ଘର ଝିଅ ବୋହୂ ମାନେ ସୂତି କପଡାର ପୋଷାକ ପିନ୍ଧି ଆର୍ଥିକ ଅନା□ନ କାରଣକୁ ନେଇ ପ୍ରକୃତ ପଦ୍ଧତି ପ୍ରଣାଳୀରେ ଧୋଇ ସଫେଇ କରିପାରୁ ନାହାଁନ୍ତି । ତେଣୁ ଯୋଉ ମଳିମୁଣ୍ଡିଆ ସେଇ ମଳିମୁଣ୍ଡିଆ । ଗରିବ ଲୋକମାନେ ସୂତି କପଡା ଧୋତି ଗାମୁଛା କି ଶାଢୀ ଲଗେନସ୍ ନାଇଟ୍ ଗାଉନ୍ କିଣିବା ଏତେଟା ସହଜ ନୁହେଁ । ବରଂ ଗରା ବଦଳରେ ୧୦୦ ମାଠିଆ କିଣିବେ କିନ୍ତୁ ଏକକାଳୀନ ଗରାର ଏତେ ଉଚ୍ଚ ଦାମ୍ ଆଣିବେ କେଉଁଠୁ ଯେ କିଣିବେ ? ନା ସେ ବାବଦରେ ଯେଉଁ ଅପବ୍ୟୟକୁ ରୋକିବେ କେମିତି ? ପରିଷ୍କାର ସଫେଇ ନ କରିବା ହେତୁ ସୁନ୍ଦର ମନଲୋଭା ଶୋଭନୀୟ ସୌନ୍ଦର୍ଯ୍ୟ ବା ପାଇବେ କେମିତି ? ଧନୀକ ଲୋକମାନେ ଫେନସି ପୋଷାକ ପରିଚ୍ଛଦ ପିନ୍ଧି ଦାଉ ଦାଉ ଝଲସି ସୁନ୍ଦରତାରେ ଶୋଭା ପାଉଥିବେ । ଠିକ୍ ସେ କ୍ଷେତ୍ରରେ ଗରିବ ଲୋକମାନେ ଶୋଭା ପାଇବେ ବା କେମିତି ? ମା ମାନେ ବାସଲ୍ୟ ମମତାରେ ନିଜ କୁନି କୁନି ପିଲାଙ୍କୁ ପଣତ କାନିରେ ପୋଛି ଝାଳ ମଳି ଧୂଳିରୁ ରକ୍ଷା କରୁଥିବାର ଏ ଯୁଗରେ କେତେକାଂଶ କମିଗଲାଣି କାରଣ ମା ମନେ ପିନ୍ଧୁଥିବା ଶାଢୀରେ ଲାଗିଥିବା ଚକମକ୍ ଗୋଲି ବଲ୍ ଚୁମୁକି ଜରି ସାଜସଜା ପ୍ରତିବନ୍ଧକ ସୃଷ୍ଟି କରୁଛି । ଗାଁ ଲୋକେ ସହର ମୁହାଁ ଏଇଥିପାଇଁ ଯେ ବିଦେଶରେ ବରଂ ଦାଦନ ଖଟି ଅଧିକ ସମୟ କାମ କରନ୍ତୁ ବିଦେଶରେ ରହିବା ଢଙ୍ଗ ନିଆରା । ଆଜି ଚକିରୀ ବି ସଙ୍କୁଚିତ, ଚଷକାମ କରିବାକୁ ଆଉ କେହିବି ଭଲ ମଣୁନାହାଁନ୍ତି । ଯେମିତିକି ଧନୀ ଲୋକେ ଧନର ଭାରିରେ ଓଜନଦାର ସେମିତି ସେ ଘରର ସ୍ତ୍ରୀମାନେ ହାଲକା ବସନ ପରିବ□ ଫେନସି କାରଣରୁ ଖୁବ ଭାରି ବସ୍ତ୍ର ପରିଧାନ କରି ସୁନ୍ଦରତାରେ ଶୋଭା ପାଉଛନ୍ତି । ସୌନ୍ଦର୍ଯ୍ୟ ବଜାୟ ରଖିବା ପାଇଁ ମହିଳାମାନେ ମାଆ କ୍ଷୀର ନ ଖୁଆଇ ଡବା କ୍ଷୀର ଦେଇ ପିଲାଗୁଡାଙ୍କୁ କୋଉ ଦୃଷ୍ଟିକୋଣରୁ ସ୍ୱାସ୍ଥ୍ୟବାନ ସଜୋଉଛନ୍ତି ? ମାଆ କ୍ଷୀର ସହ ଗୋ ମାତା ଗାଈ କ୍ଷୀର ଖାଇ ଯେଉଁ ପିଲା ଯେତିକି ବଳୁଆ ଶକ୍ତିଶାଳୀ ଟାଣୁଆ ? ସତରେ କ'ଣ ବୌଦ୍ଧିକତା ଦୃଷ୍ଟିରୁ ପାରଙ୍ଗମ ? ଏ ଯୁଗ ଆରାମ ଅୟେସର । ପିଲାମାନେ ବାପା ମାଆ (ଡାଡି ମମି) ପିଲା ଆଉ କାହାର ଛାପ ତାଙ୍କ ଉପରେ ପଡିବ ? ବାପା ମାଆ ନ ଡାକି ନିଜ ପିଲାମାନେ (ଡାଡି ମମି) ଡାକିଲେ ଆନନ୍ଦରେ ଛାତି କୁଣ୍ଢେମୋଟ ଉତ୍ଫୁଲିତ । ଏ ସମାଜ ସଦା ଆଗଧାଡିର ଲୋକଙ୍କୁ ହିଁ ଅନୁସରଣ କରୁଛି ଅସ୍ମିତାର ଦ୍ୱାହି ଦେଇବୃଥା କପଟାଚରଣରେ କଥା ଭିନ୍ନ କାମ ଭିନ୍ନ କିନ୍ତୁ ଲୋକ ଦେଖାଣିଆ ଯାହାବି କରୁଛନ୍ତି -ପ୍ରକୃତ ପକ୍ଷେ ସେଇଟା ତାହା ନୁହଁ । କହିବା ଏତେ ସହଜ କରିବା କେତେ କଠିନ ? ବୟୋବୃଦ୍ଧ ଘରର ମୁରବୀମାନେ ଏବେକୁ ନାତି ନାତୁଣୀ ପିଲାଙ୍କୁ ରାଗରେ ନନସେନ୍ସ ଇଡିୟଟ କହିବାକୁ ପଛୋଉ ନାହାଁନ୍ତି । ଇଂରେଜୀ କହିବା ସମ୍ଭ୍ରାନ୍ତ ପଣିଆର ପରିଚୟକ । ନିଦର୍ଶନ ଖାଲି ତୁଚ୍ଛା ମିଛ ବୃଥା ସ୍ଲୋଗାନରେ ଆମ ପରମ୍ପରା ଚଳଣି ସଂସ୍କୃତି ସଂସ୍କାର ଯେଉଁମାନେ ନଷ୍ଟ କରିଚାଲିଛନ୍ତି ସେଇମାନେ ହିଁ କହୁଛନ୍ତି ଏ ଅପସଂସ୍କାର ଦେଖୁନ କେମିତି ଧସେଇ ପଶିଆସୁଛି ? ବ□ମାନ କୋଲଷ୍ଟ୍ରାଲ ହେତୁ ଓବେସିଟ୍ ? ବଡ ପେଟ କାହାର ବା ନାହିଁ ? ତାର କାରଣ କିଏ କେବେ ଅନୁସନ୍ଧାନ କି ଅନୁଶୀଳନ କରୁଛନ୍ତି କି ? ନବ ସଭ୍ୟ ଆଧୁନିକତାରେ ପ୍ରାୟତଃ ସମସ୍ତେ ପାଗଳ । ପୁରୁଣା ଚଳଣି ପରମ୍ପରାକୁ ଆଉ କେହିବି ବସିକି ମୁଠେଇ ଧରିବାକୁ ପ୍ରସ୍ତୁତ ନୁହଁନ୍ତି । ବିଶେଷ କରି ମହିଳାମାନେ ପୁରୁଣା ତେଜ ଦିନ ଦିନ ପ୍ରତିଦିନ ନୂଆ ନୂଆ ଯାହାକୁ କି ନିଜେ ନିଜ ତୁଣ୍ଡରେ ଅପସଂସ୍କୃତି ବୋଲି ଆଖ୍ୟା ଦିଅନ୍ତି ସେଇମାନେ ହିଁ ବେଶଭୁଷା ପରିପାଟିରେ ନିଜ ପାଇଁ ଆଗ ଗ୍ରହଣ ଧାରଣ କରି କେବେ ବି ଛାଡୁନାହାଁନ୍ତି । କିନ୍ତୁ ସେଇମାନଙ୍କୁ ଯିଏ ସବୁ କ୍ଷେତ୍ରରେ ଅନୁସରଣ କରୁଛନ୍ତି ସେମାନଙ୍କୁ ପଡ ପଣିଆରେ ନିନ୍ଦୁଛନ୍ତି । ଖାଇବା ପିଇବା ପିନ୍ଧିବା ନାଇବାରେ ଅନ୍ୟର ପ୍ରେରଣା ସେତେଟା କାମ ଦିଏନି । ବଡଲୋକେ ଓଡିଆ ଅସ୍ମିତା ସମ୍ବନ୍ଧେ ଯେତେ ଜୋରରେ ଗଳା ଫଟାଇ ଗର୍ଦ୍ଦନ ତର୍ଜନ କରି ଭାଷଣ ଦେଇଥାଆନ୍ତି ଯଦି ବା କେହି ସ୍ୱଳ୍ପ ପରିମାଣର ରୋକ ଲଗାଇ ପାରନ୍ତେ ତେବେ କିଏ ଆଉ କାହିଁକି କାହାକୁ କହନ୍ତେ ? ବିଦେଶୀ ଢାଂଚାରେ ଚଳିବା ପାଇଁ ତ ନିଜର କୌଳିକ ବୃତିକୁ ଛାଡି କୃଷି କାମ ନକରି ବାବୁ ହାକିମ ମାନିଆରେ ଚଳିବା ପାଇଁ ଦେଶ ଜନ୍ମଭୂମି ମାଟିମାଆକୁ ଛାଡି ବିଦେଶ ଯାଇ ଦାଦନ ଖଟିବାକୁ ଭଲ ମଣୁଛନ୍ତି । ସାରା ଶରୀରରେ ସାଜସଜ୍ଜା ରୂପରେ ସୁନ୍ଦର ଦିଶିବା ପାଇଁ କେତେକେତେ ପ୍ରକାର ରାସାୟନିକ ପ୍ରଲେପ ସେ□ ଡିଓ ଅତର ବ୍ୟବହାର କରୁନାହାଁନ୍ତି ? ଚୁଟି କାଟିବାଠୁଁ କେଶ ଓଠ ରଙ୍ଗେଇବା, ପ୍ରତ୍ୟେକ ସ୍ଥଳରେ ପ୍ରାୟତଃ ସମସ୍ତେ ଅନ୍ଧାନୁସରଣ ପୂର୍ବକ ପାଶ୍ଚାତ୍ୟ ନୀତି ପରମ୍ପରାକୁ ଆପଣେଇଛନ୍ତି । ପୁରୁଣା ଢଙ୍ଗ ଢାଙ୍ଗକୁ ଆଉ କିଏ ବା କାହିଁକି ଜାବୁଡି ଧରି ବସିବ ? ତେଲ ମାଲପା ହଳଦୀ କିଏ କେଉଁଠି ବ୍ୟବହାର କାହିଁକି ବା କରିବ ? ସମସ୍ତେ ତ ଆଧୁନିକତାରେ ମସ୍‌ଗୁଲ । ସମାଜର ଆଗଧାଡିର ଧନୀକ ଶ୍ରେଣୀର ଲୋକେ ଭଲ ଉନ୍ନତ ସ୍କୁଲ କଲେଜରେ ନିଜ ନିଜର ପିଲା ମାନଙ୍କୁ ନ ପଢାଇ କେତେଜଣ କିଏ ଏ ଯୁଗରେ ସରକାରୀ ସ୍କୁଲ କଲେଜରେ ପିଲାଙ୍କୁ ପଢାଉଛନ୍ତି କି ? ବିଚାରକୁ ନେଇ ଦେଖିଲେ ପ୍ରତ୍ୟକ୍ଷରେ ଯେଉଁମାନେ ଗଳାଫଟା ଗର୍ଜନ ତର୍ଜନ ବୃଥା ଭାଷଣ ଦେଉଛନ୍ତି ? ସେମାନେ ଯଦିବା ନିରପେକ୍ଷ ଭାବେ ଏଇ କଥା ସମୂହର ଅନୁଧ୍ୟାନ କରନ୍ତେ ମାଆ + ମାଟି + ବସୁଧା + ଗାଆଁର ଅସ୍ମିତାର କ'ଣ ଏପରି ବିଲୋପ ଘଟନ୍ତା କି ? ଆମେ ଓଡିଆ ଲୋକ ଚୁଡା ମୁଢି ବିରିପିଠା ଖେଚୁଡି ଇତ୍ୟାଦି ଜଳଖିଆ ଖାଇ ଶାଗ ଆମ୍ବୁଲ ଲଙ୍କା ପିଆଜ ପଖାଳ ଖାଇ ଯେମିତି ସେବେ ଚଳୁଥିଲେ ଏବେତ ଆଉ ଚଳୁନାହାଁନ୍ତି । ଆଗରୁ କୌଣସି ଗାଁରେ ଦୋସା ଇଟିଲି ଉପମା କେହି ପ୍ରାୟ ଖାଉ ନଥିଲେ କିନ୍ତୁ ଏବେ ସବୁ ଗାଁ ଗଣ୍ଡା ମାନଙ୍କରେ ପାଉଁରୁଟି କେକ୍ ବର୍ଗର ପିଜା ବିସ୍କୁଟ ମିକଶ୍ଚର ଖାଇଲେଣି । "ଅନ୍ନ ଯହିଁ ଜ୍ଞାନ ଯୈସା ଅନ୍ନ ଐସା" ମନ ତେଣୁ ବିଶେଷ କରି ପୁଣ୍ୟ ମାଟି ଉତ୍କଳର ଆରାଧ୍ୟ ପ୍ରଭୁ ଜଗନ୍ନାଥକୁ ନୀତି ପରମ୍ପରା ଚଳଣି ସଂସ୍କୃତି ସଂସ୍କାରରେ ଯଦିବା ସେମିତି କିଛି ପରିବ□ନ ନ ଘଟନ୍ତା ତେବେ ବୀର ଓଡିଆ କେବେ ବି ଓଡିଆ ଅସ୍ମିତାକୁ ଭୁଲିଯାଆନ୍ତା ନାହିଁ । ଓଡିଶାର ଅସ୍ମିତା କଣ ଏଇୟା ମାତୃଭାଷା ଓଡିଆକୁ ଭୁଲି ଇଂରେଜୀ ପ୍ରତି ନାହିଁ ନଥିବା ଆକର୍ଷିତ ହେବା କାହିଁ ବୈଦିକ ଭାଷା ସଂସ୍କୃତ ପ୍ରତି ସେଇ ହାରରେ ଆକର୍ଷିତ ହେବାର ନଜିର ମିଳୁନି । ମାଗି ଆଣିଲେ ତିଅଣ ସୋଡକେ । ଜନ୍ମ ହେଲାଠୁଁ ମାଆ କି ବୋଉ ନ ଡାକି ଆମେ ମମି ଡାକିବାକୁ ଏତେ ଗୁରୁତ୍ୱ କାହିଁକି ଦେଉଛେ ? ଖାଲି କଣ ସେଇ ମାଆର ସବୁ ଦୋଷ ? ଏ ଭେଜାଲ ଯୁଗରେ ଅସଲ ଖାଂଟି ନିୟମ କେଉଁଠି କିଛି ମିଳୁନାହିଁ । ମା ତ ମମି ଆଉ ଛୋଟ କଅଁଳା ଶିଶୁର ମଳମୁତ୍ର କିଏବା ସଫା କରୁଛି ? ନା ମାଆ, ବକ୍ଷରୁ କ୍ଷୀର କୋଉ ଛୁଆ କେବେ କୋଉଠୁଁ ପାଉଛି ? ଭାଷା କହିବା ଶିଖିଲା ଉ□ାରୁ କଅଁଳେଇ ଖନି ଖନି ମଧୁର ସ୍ୱରରେ ମା କି ବୋଉ ନକହି ମମି+ ଡାଡି ନ ଡାକିଲେ ତ ପ୍ରତ୍ୟେକ ଓଡିଆ ବାପା+ମାଆ ଖୁସ୍ତି । ଚକ ଚକ୍ୟ ଫେସନରେ ତ ସମସ୍ତେ ମସଗୁଲ । ନିଜର ପିଲାର ଲାଳନ ପାଳନରେ କିଏବା ପ୍ରକୃତ ପକ୍ଷେ ବାସଲ୍ୟମମତାରେ ସ୍ନେହ ଶ୍ରଦ୍ଧା ଦେଇ ପାଳନ କରୁଛି ? କରୁଥିଲେ ଡବା କ୍ଷୀର ନ ଦେଇ ପାମ୍ପର ନ ପିନ୍ଧାଇ ତେଲ ମାଲପା ବ୍ୟବହାର ନ କଲ ନାହିଁ ଛୋଟ କଅଁଳା ଶିଶୁ ଶରୀରରେ ରାବୁଛେ ସିନା ଆମୋଦ ଦାୟକ କିନ୍ତୁ କିଏ କେବେ ତାର ଅବକ୍ଷୟକାରୀ ପୁଷ୍ପରିଣାମ ଅବଲୋକନ କରୁଛନ୍ତି କି ?

*ବରମୁଣ୍ଡା, ଭୁବନେଶ୍ୱର*











# ବଳିଦାନର ମହାପର୍ବ ଇଦୁଲ-ଅଜ୍‌ହା





ଆରବୀ ଭାଷାରେ "ଅଜ୍‌ହା" ର ଅର୍ଥ " କୁରବାନୀ" ବଳିଦାନ ବା ତ୍ୟାଗ । ମୁସଲମାନ ସମ୍ପ୍ରଦାୟ ରମଜାନ ଇଦ୍‌ର ୭୦ ଦିନ (ଦୁଇମାସ ଦଶଦିନ) ପରେ ଇଦୁଲ୍ ଅଜ୍‌ହା ପାଳନ କରେ । ପବିତ୍ର କୁରଆନ, ପୈଗମ୍ବର ହଜରତ ମୁହମ୍ମଦଙ୍କ ବାଣୀ ଓ ବାଇବେଲରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ଚାରି ହଜାର ବର୍ଷ ପୂର୍ବେ ଆରବ ଭୂଖଣ୍ଡରେ ଘୋର ଅନ୍ଧ ବିଶ୍ୱାସର ବାତାବରଣ ଥିଲା । ଏକେଶ୍ୱରବାଦର କୌଣସି ଚିହ୍ନବର୍ଣ୍ଣ ନଥିଲା । ଯେତେବେଳେ ଏ ଅନ୍ଧବିଶ୍ୱାସ ସେଠାକାର ସମାଜକୁ ସଂପୂର୍ଣ୍ଣ ଗ୍ରାସ କରିବାକୁ ଲାଗିଲା ଓ କୁସଂସ୍କାର ଜଳ ସ୍ଥଳେ ସର୍ବତ୍ର ବ୍ୟାପିଗଲା, ସେତେବେଳେ (ମୁସଲମାନ ଧର୍ମବିଶ୍ୱାସ ଅନୁଯାୟୀ) ଅଲ୍ଲାହ ଚାହିଥିଲେ ଯେ ଲୋକମାନେ କେବଳ ତାହାଙ୍କ ନାମ ସ୍ମରଣ କରନ୍ତୁ । ମନୁଷ୍ୟ ଜୀବବଳି ପରି କୁପ୍ରଥାରୁ ଦୂରେଇ ଯାଆନ୍ତା ଓ ସେମାନେ ଯେପରି ନର୍କଗାମୀ ହେବାରୁ ବଂଚିତ ହୋଇ ଯାଆନ୍ତେ । ଫଳରେ ଅଲ୍ଲାହ ସମସ୍ତଙ୍କ ଦୃଷ୍ଟିର ଅନ୍ତରାଳରେ ରହି ଏକ ମହାନ ନାଟକର ସଂରଚନା କରିଥିଲେ, ଯାହା ସବୁ ଦିନ ପାଇଁ ସ୍ମରଣୀୟ ହୋଇ ରହିଗଲା ଏବଂ ବଳିଦାନର ପ୍ରକୃତ ଅର୍ଥ ପ୍ରକାଶ ପାଇଲା । ପ୍ରକୃତ କୁରବାନୀ କିପରି ହେବା ଦରକାର ତାହା ବୁଝାପଡ଼ିଲା । ସେଥିପାଇଁ ଆଜି ଆମେ 'କୁରବାନୀ ଇଦ' ପାଳନ କରୁଛେ । ମୁସଲମାନ ସମ୍ପ୍ରଦାୟର ଲୋକମାନେ ରମଜାନ ଇଦ୍ ?ର ପରେ ଇଦୁଲ୍ ଅଜ୍ ?ହା ପାଳନ କରନ୍ତି । ପବିତ୍ର କୁରଆନର ସୁରା ଅଲ୍-ସାଫାତରେ ବର୍ଣ୍ଣନା କରାଯାଇଛି, ଯେ ଇବ୍ରାହିମ (ଅବ୍ରାହମ) ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ନିଃସନ୍ତାନ ଥିଲେ ଓ ଏକ ପୁତ୍ର ସନ୍ତାନ ପାଇବା ସକାଶେ ପ୍ରାର୍ଥନା କରିଥିଲେ । ଅଲ୍ଲାହ ତାଙ୍କୁ ଏକ ସନ୍ତାନ ଜନ୍ମର ସୁସମ୍ବାଦ ଦେଇଥିଲେ । ତେବେ ସେହି ପୁତ୍ର ସନ୍ତାନ ଅଲ୍ଲାହଙ୍କ କହିବାନୁଯାୟୀ ଜନ୍ମ ହୋଇ ବଢ଼ିବାକୁ ଲାଗିଲା । ଯେତେବେଳେ ଏହି ବାଳକ ଖେଳକୁଦର ବୟସରେ ଉପନିତ ହେଲା, ସେତେବେଳେ ହଠାତ୍ ଦିନେ ଅଲ୍ଲାହ ଇବ୍ରାହିମଙ୍କୁ ସ୍ୱପ୍ନ ଦ୍ୱାରା ନିର୍ଦ୍ଦେଶ ଦେଲେ, ଯେ 'ତୁ' ତୋର ଏହି ଅତିପ୍ରିୟ ସନ୍ତାନକୁ ବଳି ଦେ । ଏହାପରେ ଇବ୍ରାହିମ ଏହି ଖବର ନିଜ ପୁତ୍ର ଇସମାଇଲ୍‌ଙ୍କୁ ଶୁଣାଇଲେ । ସେହି ଭବ୍ୟ କୋମଳମତି ଆଜ୍ଞାବହ ସନ୍ତାନ ଉକ୍ତ କଥାରେ ସମ୍ମତି ପ୍ରଦାନ କରିଥିଲେ ଓ ଏହି ନିଷ୍ପତିରେ ଅଟଳ ରହିବାର ପ୍ରତିଜ୍ଞା କରିଥିଲେ । ତା'ପରେ ହଜରତ ଇବ୍ରାହିମ ନିଜ ପୁତ୍ର ଇସମାଇଲକୁ ବଳିଦେବା ପାଇଁ ଉଦ୍ୟତ ହୁଅନ୍ତେ ତାଙ୍କୁ ଦୈବୀବାଣୀ ହେଲା, ହେ ଇବ୍ରାହିମ । ତୁମେ ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଛ । ତୁମ ପାଇ ଏହା ଏକ ପରୀକ୍ଷା ଥିଲ । ତୁମେ ପ୍ରକୃତରେ ପୁନ୍ୟବାନ । ଏବଂ ତୁମେ ଏକ ଅଣ୍ଡିରା ମେଷକୁ ବଳିଦିଅ, ଯାହା ତୁମ ପୁତ୍ରବଳିର ପ୍ରତିବଦଳ ହେବ । ଅଲ୍ଲାହ ତୁମକୁ ଉପଯୁକ୍ତ ପୁରସ୍କାର ଅବଶ୍ୟ ପ୍ରଦାନ କରିବେ ଏବଂ ତୁମ ଆଗାମୀ ବଂଶଧରଙ୍କ ପାଇଁ ଏହି ପୂଣ୍ୟକର୍ମ ଏକ ଆଦର୍ଶ ଦୃଷ୍ଟାନ୍ତ ହୋଇ ରହିବ । ଯେହେତୁ ସେତେବେଳେ ମଣିଷ ବଳିର ପ୍ରଚଳନ ଥିଲା, ତେଣୁ ହଜରତ ଇବ୍ରାହିମ ମଧ୍ୟ ଭ୍ରମରେ ପଡ଼ିଯାଇ ନିଜ ପୁତ୍ରକୁ ବଳି ଦେବାପାଇଁ ନେଇ ଯାଇଥିଲେ । କିନ୍ତୁ ଅଲ୍ଲାହଙ୍କ ନିର୍ଦ୍ଦେଶ ଅନୁସାରେ ହଜରତ ଇବ୍ରାହିମ ପୁତ୍ରବଳି ପରିବର୍ତେ ମେଷବଳି ଦେଇଥିଲେ, ସେହି ସମୟ ଠାରୁ ପଶୁବଳି ପ୍ରଥା ପ୍ରଚଳନ କରିଥିଲେ ଏବଂ ମନୁଷ୍ୟବଳି ସବୁଦିନ ପାଇଁ ବନ୍ଦ କରି ଦେଇଥିଲେ । ଏହାପରେ ଯେତେବେଳେ ଲୋକମାନଙ୍କ ମଧ୍ୟରେ ଏଭଳି ଅନ୍ଧବିଶ୍ୱାସର ଉଦ୍ରେକ ହୋଇଥିଲା, ହଜରତ ଇବ୍ରାହିମଙ୍କ ଉପରେ ବିଶ୍ୱାସ ରଖୁଥିବା ଲୋକମାନେ ଏହାର ପ୍ରବଳ ବିରୋଧ କରିଥିଲେ । ଜଣେ ମୂର୍ତି ତିଆରି କରୁଥିବା ବାପର ପୁତ୍ର ହୋଇ ମଧ ହଜରତ ଇବ୍ରାହିମ ଏକ ନିରାକାର ପ୍ରଭୁଙ୍କର ଭକ୍ତ ହୋଇ ପାରିଥିଲେ ।

ନରବଳିକୁ ଉଚ୍ଛେଦ କରି ପଶୁବଳି ପ୍ରଚଳନ କରିଥିଲେ । ତେଣୁ ବଡ଼ବଡ଼ ଧର୍ମ ସଂପ୍ରଦାୟରେ ହଜରତ ଇବ୍ରାହିମଙ୍କୁ ଜଣେ ସଂସ୍କାରକ ଓ ଯୁଗ ପ୍ରବର୍ତ୍ତକ ଭାବରେ ସମ୍ମାନ ଦିଆଯାଉଛି ଏବଂ ଇସଲାମ ଧର୍ମରେ ତାଙ୍କୁ ନବି(ଅବତାର) ଙ୍କ ସ୍ଥାନ ଦିଆଯାଇଛି । ମୁସଲମାନ ମାନେ ଯେତେବେଳେ ହଜରତ ମୁହମ୍ମଦ ସଲ୍ଲମଙ୍କୁ ଦରୁଦ୍ ପଠାଇଥାନ୍ତି, ସେତେବେଳେ ହଜରତ ଇବ୍ରାହିମଙ୍କ ନାମ ମଧ ନେଇଥାନ୍ତି । ଦୈବୀବାଣୀ ପରେ ଆଉ ଏକ ଘଟଣା ଘଟିଥିଲା । ଯାହାଦ୍ୱାରା ହଜରତ ଇବ୍ରାହିମଙ୍କୁ ନିଜ ପତ୍ନୀ ଓ ପୁତ୍ରଙ୍କ ଠାରୁ ପୃଥକ ହେବାକୁ ପଡ଼ିଥିଲା । ଏହା ମଧ ଅନ୍ତଃଙ୍କ ନିର୍ଦ୍ଦେଶ ଅନୁସାରେ ହୋଇଥିଲା । କିଛି ଲୋକ ହଜରତ ଇବ୍ରାହିମଙ୍କୁ ଏକ ସତ୍ୟବାଦୀ ପୁରୁଷ ଭାବେ ଗ୍ରହଣ କରି ତାଙ୍କର ଅନୁଗାମୀ ହୋଇଥିଲେ । ଯେହେତୁ ହଜରତ ଇବ୍ରାହିମ ଏକେଶ୍ୱରବାଦର ପ୍ରଚାର କରୁଥିଲେ, ଅନୁଗାମୀମାନେ ଏହାକୁ ସତ୍ୟ ସିଦ୍ଧାନ୍ତ ଭାବେ ଗ୍ରହଣ କରିଥିଲେ । ହଜରତ ଇବ୍ରାହିମଙ୍କୁ ଅଲ୍ଲାହ ନିର୍ଦ୍ଦେଶ ଦେଲେ ଯେ ତୁମେ ନିଜ ପତ୍ନୀ ହଜରତ ହାଜ୍‌ରାଙ୍କୁ ଓ ପୁତ୍ର ହଜରତ ଇସମାଇଲଙ୍କୁ ନେଇ ଏକାନ୍ତରେ ଛାଡ଼ିଆସ । ସେ ଅଲ୍ଲାହଙ୍କ ଆଜ୍ଞା ପାଳନ କରି ତାହା ହିଁ କରିଥିଲେ । ଛଅ ବର୍ଷର ପୁତ୍ର ଓ ହଜରତ ହାଜ୍ ?ରାଙ୍କୁ ସାଙ୍ଗରେ ନେଇ ଏକ ନିର୍ଜନ ବାଲୁକାମୟ ମରୁଭୂମିରେ ଛାଡ଼ି ଆସିଲେ । ଏହି ଘଟଣା ଆଉ ଏକ ସତ୍ୟ ଘଟଣାର ସୁତ୍ରପାତ କଲା । ନିଜ ପତ୍ନୀ ଓ ପୁଅକୁ ଆରବର ମକ୍କା ମରୁପ୍ରାନ୍ତରେ ଛାଡ଼ି ଆସିବା ପରେ ସେଠାରେ ମାତା ଓ ପୁତ୍ରଙ୍କର ବଂଚିବାର ଏକମାତ୍ର ସମ୍ବଳ ଥିଲା, ଅଳ୍ପ ପାଣି ଓ କିଛି ଖଜୁରୀ କୋଳି । ହଜରତ ଇବ୍ରାହିମ ଘର ମୁହାଁ ହେଲା ବେଳେ ପତ୍ନୀ ହାଜ୍‌ରା ପଚାରିଥିଲେ, ଏପରି କରିବାର ଉଦ୍ଦେଶ୍ୟ କ'ଣ ? ବାରମ୍ବାର ଏହି ପ୍ରଶ୍ନ କରନ୍ତେ ହଜରତ ଇବ୍ରାହିମ ଲୋକତପୂର୍ଣ୍ଣ ଚକ୍ଷୁରେ ଉପରକୁ ଇଙ୍ଗିତ କରିଥିଲେ । ହଜରତ ହାଜ୍‌ରା ବୁଝିପାରିଲେ ଯେ ଏହା ଅଲ୍ଲାହଙ୍କ ନିର୍ଦ୍ଦେଶ । ସେ କହିଲେ, " ଯଦି ଏହା ଅଲ୍ଲାହଙ୍କର ଇଚ୍ଛା, ତେବେ ଆପଣ ଆମକୁ ନିଶ୍ଚିତ ହୋଇ ଏଠାରେ ଛାଡ଼ି ଯାଆନ୍ତୁ । ଅଲ୍ଲାହ ଆମକୁ କେବେହେଲେ ନଷ୍ଟ କରିବେ ନାହିଁ ।' କିଛି ଦିନପରେ ପାଖରେ ଥିବା ଖଜୁରୀ କୋଳି ଓ ପାଣି ସରିଗଲା । ଶିଶୁ ପୁତ୍ର ଇସମାଇଲଙ୍କୁ ପ୍ରବଳ ଶୋଷ ହେଲା ଓ ସେ କାନ୍ଦିବାକୁ ଲାଗିଲେ । ହଜରତ ହାଜ୍‌ରା ଅତି ବ୍ୟାକୁଳ ହୋଇ ଅନତି ଦୂରରେ ଥିବା ଦୁଇଟି ପାହାଡ଼ "ସଫା' ଏବଂ " ମରୱା" ଉପରେ ସାତଥର ଚଢ଼ି ପାଣି ଖୋଜିଥିଲେ । କୌଣସି ସ୍ଥାନରେ ପାଣିର ସନ୍ଧାନ ମିଳିଲା ନାହିଁ । ହଜରତ ହାଜ୍‌ରା ଆର୍ତନାଦ କରିଥିଲେ" କ'ଣ ଅଲ୍ଲାହଙ୍କର କେହି ପୁଣ୍ୟବନ୍ତ ଭକ୍ତ ଅଛି, ଯେ ଆମକୁ ପାଣି ଯୋଗାଇ ପାରିବ ? ' ସେତେବେଳେ ଦୈବୀବାଣୀ ଦ୍ୱାରା ତାଙ୍କୁ ଜଣାଇ ଦିଆଗଲା ଯେ ତୁମ ସନ୍ତାନର ଆବଶ୍ୟକତା ପୂରଣ ହୋଇଯାଇଛି । ସତକୁ ସତ ସେ ପାହାଡ଼ରୁ ତଳକୁ ଓହ୍ଲାଇ ଦେଖିଲେ ଯେ ପୁତ୍ର ଇସମାଇଲଙ୍କ ଗୋଇଠି ଘର୍ଷଣରୁ ବାଲି ମଧ୍ୟରୁ ଏକ କ୍ଷୁଦ୍ର ଝରଣା ସୃଷ୍ଟି ହୋଇଛି । ସେମାନେ ସେହି ଝରଣା କୂଳରେ ନିଜର ଡ଼େରା ପକାଇଲେ । କ୍ରମଶଃ ସେହି ସ୍ଥାନ ବଣିକମାନଙ୍କର ମଧ ଏକ ବିଶ୍ରାମଗାରରେ ପରିବର୍ତିତ ହେଲା । ଏହି ସ୍ଥାନକୁ ଏକ ପବିତ୍ର ସ୍ଥାନ ରୂପେ ଗ୍ରହଣ କରାଯାଏ ଓ ଏଠାରୁ ଯେଉଁ ପାଣି ବାହାରିଥିଲା, ପରବର୍ତୀ ସମୟରେ ତାହା ଏକ ଝରଣାରେ ପରିଣତ ହେଲା । ଏବଂ ଏହା' 'ଆବେ ଜମ୍ ଜମ୍" (ଅର୍ଥାତ୍ ଏ ପାଣି ତୁ ଅଟକି ଯା') ନାମରେ ବିଖ୍ୟାତ । କୁରବାନୀର ଅନ୍ତର୍ନିହିତ ଶିକ୍ଷା ହେଉଛି " ନିଜର ସର୍ବସ୍ୱକୁ ଈଶ୍ୱରଙ୍କ ପାଇଁ ଓ ମାନବ କଲ୍ୟାଣ ପାଇଁ ଉତ୍ସର୍ଗ କରିଦେବା ।'' ହଜରତ ଇବ୍ରାହିମଙ୍କ ସମୟରେ ପଶୁବଳି ପ୍ରଥା ପ୍ରଚଳିତ ହୋଇଥିଲା । ଏହାକୁ ସେ ସମୟର ଖ୍ରୀଷ୍ଟିଆନ ଓ ଯହୁଦୀ ଧର୍ମାବଲମ୍ବୀମାନେ ମଧ ଗ୍ରହଣ କରିଥିଲେ । ପରବର୍ତୀ ସମୟରେ ଏହି ପଶୁବଳି ପ୍ରଥାକୁ ହଜରତ ମହମ୍ମଦ ସଲ୍ଲମ ନିୟମିତ ରୀତିରେ ପରିଣତ କରିଥିଲେ । ସମସ୍ତ ହଜ ଯାତ୍ରୀଙ୍କ ସକାଶେ ପଶୁବଳି ଦେବା ଧାର୍ଯ୍ୟ କରି ଦିଆଗଲା । ସମଗ୍ର ମୁସଲମାନ ମାନଙ୍କ ପାଇଁ କୁରବାନୀ କରିବାକୁ ଏକ ଆଦର୍ଶ ଭାବେ ଗ୍ରହଣ କରାଗଲା । କେତେକ ଅନୁଚରଙ୍କ ପ୍ରଶ୍ନର ଉତର ଦେଇ କୁରବାନୀର ଉଦ୍ଦେଶ୍ୟ ଓ ମହତ୍ୱ ବିଷୟରେ ନବି ଶ୍ରେଷ୍ଠ ହଜରତ ମୁହମ୍ମଦ ସଲ୍ଲମ କୁହନ୍ତି ଯେ ' ଏହା ହେଉଛି ସୁନ୍ନତ୍( ମୋର ଅନୁସୃତ ପନ୍ଥା) । ଏହାପରେ ଅଲ୍ଲାହ ପବିତ୍ର କୋରାନର ସୁରା ଅଲ୍ ହଜ୍‌ରେ ଏହି ଆୟତ ଅବତୀର୍ଣ୍ଣ କଲେ "ତୁମ୍ଭମାନଙ୍କ କୁରବାନୀ ପଶୁର ମାଂସ ବା ରକ୍ତ ଅଲ୍ଲାହଙ୍କ ଠାରେ ଗୃହୀତ ହୁଏ ନାହିଁ । ଯାହା ଗୃହୀତ ହୁଏ, ତାହା ହେଉଛି ଅଲ୍ଲାହଙ୍କ ପ୍ରତି ଭକ୍ତି ।" ଅନ୍ୟ ଧର୍ମାବଲମ୍ବୀଙ୍କର କୁରବାନୀ ପ୍ରଥା ଠାରୁ ଇସଲାମୀ କୁରବାନୀ ପ୍ରଥାରେ ପାର୍ଥକ୍ୟ ରହିଛି । ହଜରତ ମୁହମ୍ମଦ ସଲ୍ଲମଙ୍କ ଶିକ୍ଷାରେ ଅନୁପ୍ରାଣୀତ ହୋଇ ଏଯୁଗର କଲକୀ ଅବତାର ତଥା ଅହମଦୀୟା ମୁସଲିମ ସଂପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ ନିଜ ପୁସ୍ତକ "ଖୁତ୍ ?ବା ଇଲ୍‌ହାମିଆ"ରେ ବ୍ୟାଖ୍ୟା କରିଛନ୍ତି ଯେ ଯେଉଁବ୍ୟକ୍ତି ନିଜକୁ ଅଲ୍ଲାହ ପାଖରେ ଆତ୍ମ ସମର୍ପଣ କରିଦିଏ... । ସେ ହିଁ ପ୍ରକୃତ ମୁସଲମାନ ପଦବାଚ୍ୟ । ସୁତରାଂ ଏହି ଇଦ୍‌ର ଶିକ୍ଷା ହେଉଛି ତ୍ୟାଗର ମନଭାବ ନେଇ ପ୍ରଥମେ କିଛି ଅଲ୍ଲାହଙ୍କ ଉଦ୍ଦେଶ୍ୟରେ ଓ ମାନବ କଲ୍ୟାଣ ପାଇଁ ଉତ୍ସର୍ଗ କର । ଏହାପରେ ଯେଉଁ ଆନନ୍ଦ ମିଳେ ତାହା ହିଁ ପ୍ରକୃତ ଆନନ୍ଦ । ଇଦୁଲ୍ ଅଜ୍‌ହା ଆମକୁ କେବଳ ପଶୁବଳି ଦେବାର ଶିକ୍ଷା ଦେଇ ନଥାଏ,ବରଂ ଆମେ ନିଜର ଧନ-ଜନ, ମାନ-ସମ୍ମାନ, ଓ ସମୟର କୁରବାନୀ ଦେଇ ଅଲ୍ଲାହଙ୍କ ସାନିଧ ହାସଲ କରିବା ଓ ମାନବ କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିବା ପାଇଁ ମଧ ଶିକ୍ଷା ଦେଇଥାଏ । ଏହାହିଁ ହେଉଛି ସମୟର ଆହ୍ୱାନ ।

ମୌଲାନା ଫଜଲ ହକ ଖାନ୍
*ମଙ୍ଗଳାବାଗ-କଟକ*
୯୬୯୨୨୨୫୦୫୭

# ସମର୍ପିତ, ନିଷ୍ଠାପର ପୂଜ୍ୟପୂଜା ବ୍ୟକ୍ତିତ୍ୱ ଭାବେ ବ୍ରଜଭାଇ ଚିର ସ୍ମରଣୀୟ ରହିବେ

## ✦ ରାଜଧାନୀରେ ଶହୀଦ ରଘୁ-ଦିବାକାରଙ୍କ ଭବ୍ୟ ପ୍ରତିମୂର୍ତି ପାଇଁ ପ୍ରୟାସ ହେବ



ଭୁବନେଶ୍ୱର : ଗଣମାଧ୍ୟମ ଓ ସାମାଜିକ ଅନୁଷ୍ଠାନ ଉତ୍କଳବୁଲେଟିନ ଚାରିଟେବଲଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଖାରବେଳନଗରସ୍ଥିତ ଗୋଦାବରୀଶ ସାହିତ୍ୟସଂସଦ ଠାରେସମ୍ପାଦକ ଅରବିନ୍ଦ ତ୍ରିପାଠୀଙ୍କ ସଂଯୋଜନାରେ ବରିଷ୍ଠ ପୁଜ୍ୟପୂଜା ପ୍ରାଣ, ଶହୀଦ ଦିବାକର ପରିଡ଼ାଙ୍କସୁଯୋଗ୍ୟ ଦାୟାଦ, ସମର୍ପିତସ ରଳ, ନିଷ୍ଠାପର, ଦକ୍ଷ ସଂଗଠକ ତଥା ରଣଭୂଇଁସମ୍ପାଦକ ସ୍ୱର୍ଗତବ୍ରଜବନ୍ଧୁ ପରିଡ଼ାଙ୍କ ସ୍ମୃତିଚାରଣ ଓ ଶ୍ରଦ୍ଧାଳି ଅର୍ପଣ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଶ୍ରଦ୍ଧାଂଜଳି କାର୍ଯ୍ୟକ୍ରମରେ ସଭାପତିଭାବେବରିଷ୍ଠସମାଜସେବୀ, ପୁଜ୍ୟପୂଜା ପ୍ରାଣ ମନୋରଂଜନ ମହାନ୍ତି, ମୁଖ୍ୟଅତିଥି ଭାବେ ପ୍ରାଧପକ ଭାଷାପ୍ରାଣ ରଙ୍ଗନାଥ ସାହୁ, ସମ୍ମାନିତ ଅତିଥି ଭାବେ ନାରାୟଣସେବା ଫାଉଣ୍ଡେସନର ସମ୍ପାଦିକା ସମିତାମହାରଣା, ବରିଷ୍ଠ ପୁଜ୍ୟପୂଜା ପ୍ରାଣ ଗିରିଜା ଶଙ୍କର ମହାପାତ୍ର ଉପସ୍ଥିତରହିବା ବ୍ରଜଭାଇଙ୍କ ସମାଜସେବା, ପୁଜ୍ୟପୂଜାକାର୍ଯ୍ୟକ୍ରମ ସହିତବିଶେଷଭାବେଶହୀଦ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ାଙ୍କ ନିମନ୍ତେ ଦୀର୍ଘ ୪୦ ବର୍ଷ ଧରି ପୁଜ୍ୟପୂଜାକାର୍ଯ୍ୟକ୍ରମକରିବା, ବିଭିନ୍ନବରପୁତ୍ର ଓ ମହାପୁରୁଷଙ୍କ ପାଇଁ ସମର୍ପିତ ଭାବେ କାର୍ଯ୍ୟ କରିବା ଆଜିର ଯୁବପୀଢ଼ିଙ୍କ ଅନ୍ୟମାନଙ୍କୁ ସୁବାର୍ତା ଦେବ ବୋଲି ଅତିଥି ମାନେ ସ୍ମୃତିଚାରଣ ପୂର୍ବକମତବ୍ୟକ୍ତ କରିଥିଲେ । ରାଜଧାନୀରେଶହୀଦ ରଘୁ-ଦିବାକରଙ୍କ ଭବ୍ୟ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତି ସ୍ଥାପନା ତାଙ୍କର ସ୍ୱପ୍ନ ଥିଲା । ସରକାରଙ୍କ ପ୍ରୟାସ ସହିତ ବିଭିନ୍ନସଂଗଠନଙ୍କ ମିଳିତ ଉଦ୍ୟମରହିଲେ ନିଶ୍ଚିତ ଏହାସଫଳ ହେବ ବୋଲି ଶ୍ରୀଯୁକ୍ତ ତ୍ରିପାଠୀ ମତବ୍ୟକ୍ତକରିବା ଅନ୍ୟମାନେ ସମର୍ଥନ କରିଥିଲେ ।ଏହି ଅବସରରେ ଶିକ୍ଷାବିତ କାମଦେବ ମହାପାତ୍ରକବିତା ମାଧ୍ୟମରେ ଶ୍ରଦ୍ଧାଳିଅର୍ପଣ କରିବା ସହ ସାମାଜିକ କର୍ମୀ ଲୋକନାଥ ଦାଶ, ବିଶିଷ୍ଟସମାଜସେବୀ ତଥା ଅଖିଳ ଭାରତ ସ୍ୱାଧୀନତା ସଂଗ୍ରାମୀଉ□ରଦାୟାଦ ସଂଗଠନ ସାଧାରଣ ସମ୍ପାଦକ ଶିବ ନାରାୟଣ ମିଶ୍ର, ସାମ୍ବାଦିକ ମଦନ ମୋହନ ପାଢ଼ୀ, କିଶୋରଦେବୀ ଦତ□, ପୃଥ୍ୱୀରାଜ ପ୍ରତାପ ସିଂ, ସତ୍ୟବାଦୀ ବଳିୟାରସିଂ, ଭାଷା ପ୍ରାଣ ରମେଶ ଚନ୍ଦ୍ର ପାତାଳସିଂ, ସୁନାରାମ ସିଂ ପ୍ରମୁଖଉପସ୍ଥିତ ରହିସ୍ମୃତିଚାରଣ କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ବିଶ୍ୱଜିତ ପରିଡ଼ା ।କାର୍ଯ୍ୟକ୍ରମକୁ ପ୍ରଜ୍ଞା ପଟ୍ଟନାୟକ, ନିତ୍ୟରନ ନନ୍ଦ, ଅମିତ ପାଲସିଂ ପରିଚାଳନା କରିଥିଲେ ।

# ରବି ଧାନ ସୁଚାରୁ ଅଧିଗ୍ରହଣ ପାଇଁ ବୈଠକ

ନୂଆପଡ଼ା : (ହି.ସ.) - ନୂଆପଡ଼ା ଜିଲ୍ଲାରେ ରବି ଧାନର ସୁଚାରୁ ଅଧିଗ୍ରହଣ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ଜିଲ୍ଲାରେ ଧାନ କ୍ରୟ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସୁବ୍ୟବସ୍ଥିତ କରିବାକୁ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲାପାଳ ଓଡ଼ିଶାର ମଣ୍ଡିଗୁଡ଼ିକରେ ବାହାର ରାଜ୍ୟର ଧାନ ବିକ୍ରୟ କରୁଥିବା ଅସାଧୁ ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଏପରି ଅବୈଧ କାର୍ଯ୍ୟକଳାପ ରୋକିବା ପାଇଁ ସୀମାନ୍ତ ଅଂଚଳରେ ପୋଲିସ, ଆରଏମସି ଓ ଯୋଗାଣ ବିଭାଗ ପକ୍ଷରୁ କଡ଼ା ଯାଂଚ ଜାରି ରହିଛି । ଜିଲ୍ଲାରେ ଧାନ କ୍ରୟ ପାଇଁ ୫୧ଟି ମଣ୍ଡି କାର୍ଯ୍ୟକ୍ଷମ ରହିଛି । ବାହାର ରାଜ୍ୟର ଧାନ ଜିଲ୍ଲା ମଣ୍ଡିରେ ବିକ୍ରୟ ସମ୍ବନ୍ଧୀୟ କୌଣସି ସୂଚନା ପ୍ରଦାନ କରିବାକୁ ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ଅନୁରୋଧ କରାଯାଇଛି । ସୂଚନାଦାତାଙ୍କ ନାମ ସଂପୂର୍ଣ୍ଣ ଗୋପନୀୟ ରଖାଯିବ ବୋଲି ଜିଲ୍ଲାପାଳ କହିଛନ୍ତି । ଏହି ବୈଠକରେ ଯୋଗାଣ ଅଧିକାରୀ ତ୍ରିନାଥ ଭୋଇଙ୍କ ସହିତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଜନ୍ମଦିନରେ ପ୍ରାଣୀ ସୁରକ୍ଷା ଓ ପରିବେଶ ସଚେତନତା

# ଗଛରେ ମାଟିପାତ୍ର ବାନ୍ଧିଲେ ଯୁବ ସମାଜସେବୀ ଅସୀମ

ବଲାଙ୍ଗିର : (ହି.ସ.)- ଜନ୍ମ ଦିନକୁ କେବଳ ଆମୋଦ ପ୍ରମୋଦ ମଧ୍ୟରେ ସୀମିତ ନରଖି ପରିବେଶ ଓ ଜୀବଜନ୍ତୁଙ୍କ ସେବାରେ ଉତ୍ସର୍ଗ କରି ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ଯୁବ ସମାଜସେବୀ ଅସୀମ ଭୋଇ । ଜାତୀୟ ସ୍ତରୀୟ କରାଟେ ପ୍ରଶିକ୍ଷକ ତଥା ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ନିଜ ଜନ୍ମଦିନ ଅବସରରେ ପ୍ରାଣୀ ସୁରକ୍ଷା ଓ ପରିବେଶ ସଚେତନ ନେଇ ଏକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରିଛନ୍ତି । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପକ୍ଷୀମାନଙ୍କର ଶୋଷ ମେଂଟାଇବା ପାଇଁ ସେ ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରରେ ଥିବା ଗଛ ଗୁଡିକରେ ମାଟିପାତ୍ର ଝୁଲାଇ ପାଣିର ବ୍ୟବସ୍ଥା କରିଛନ୍ତି । ଜନ୍ମ ଦିନ ପରି ଏକ ସ୍ମରଣୀୟ ଦିନକୁ ବୃକ୍ଷଲତା ଓ ପକ୍ଷୀମାନଙ୍କ ସେବାରେ ଲଗାଇଛନ୍ତି । ବିଭିନ୍ନ ସ୍କୁଲ ଓ ସରକାରୀ ଅଫିସ ପରିସରକୁ ଯାଇ ପକ୍ଷୀମାନଙ୍କ ପିଇବା ପାଣି ପାଇଁ ଗଛମାନଙ୍କରେ ସ୍ୱତନ୍ତ୍ର ମାଟିପାତ୍ର ବାନ୍ଧିଛନ୍ତି । ସମାଜରେ ପରିବେଶ ସନ୍ତୁଳନ ରକ୍ଷା କରିବା ଏବଂ ପକ୍ଷୀଙ୍କ ସୁରକ୍ଷା ଦିଗରେ ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଛନ୍ତି । ପରିବେଶ ଏବଂ ଜୀବଜନ୍ତୁଙ୍କ ସୁରକ୍ଷା ଆମ ସମସ୍ତଙ୍କର କର୍ତବ୍ୟ । ଗ୍ରୀଷ୍ମ ଋତୁରେ ପକ୍ଷୀମାନେ ଯେପରି ପାଣି ପାଇଁ ବିକଳ ନ ହୁଅନ୍ତି, ସେଥିପାଇଁ ଏହା ଏକ କ୍ଷୁଦ୍ର ପ୍ରୟାସ ବୋଲି ଶ୍ରୀ ଭୋଇ କହିଛନ୍ତି । ଯୁବ ସମାଜସେବୀ ଅସୀମଙ୍କର ଏହି ମହତ କାର୍ଯ୍ୟ ପାଇଁ ଏସିଟେଂଟ କଲେକ୍ଟର ଜୟକୃଷ୍ଣ ପାଣିଗ୍ରାହୀ, ବଲାଙ୍ଗିର ବ୍ଲକ ଶିକ୍ଷା ଅଧିକାରୀ ନିଳମଣି ପଟେଲ, ଟାଉନ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ଓ ଟିକଲ ୟୁଜିଏଚ୍‌ଏସ୍ ରାଜ କିଶୋର ପ୍ରଧାନ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ତାଙ୍କୁ ଉଚ୍ଚ ପ୍ରଶଂସା କରାଯିବା ସହ ଜନ୍ମ ଦିନର ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ଚମ୍ପୁଆରେ ବସୁଧା ଯୋଜନା ଫେଲ୍ : ପାଇପ୍ ଅଛି, ପାଣି ନାହିଁ

ଚମ୍ପୁଆ :(ହି.ସ.)- ପ୍ରତ୍ୟେକ ଜନସାଧାରଣଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରତିପଂଚାୟତରେ ବସୁଧା ପାଣି ଟାଙ୍କି ନିର୍ମାଣ କରିଥିଲେ ମଧ ସ୍ୱଚ୍ଛ ପାନୀୟ ଜଳ ଟୋପାଏ ପାଇବାରୁ ବଂଚିତ ହେଉଛନ୍ତି ଲୋକେ । ଆଶା ଥିଲା ବସୁଧା ଯୋଜନାରେ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହେବ କିନ୍ତୁ ବିଭାଗୀୟ କର୍ମଚାରୀ ଏବଂ ଅଧିକାରୀମାନଙ୍କ ଅବହେଳା ପାଇଁ ପାନୀୟ ଜଳ ଯୋଗାଣ ଏକ ପ୍ରହସନରେ ପରିଣତ ହୋଇଛି । ଏମିତି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ରଜିଆ ପଂଚାୟତ ଅନ୍ତର୍ଗତ ମହେଶ୍ୱରପୁର ଗ୍ରାମରେ । ଗ୍ରାମକୁ ରଜିଆ ଠାରେ ଥିବା ବସୁଧା ପାଣିଟାଙ୍କିରୁ ପାଣି ଯୋଗାଣ ନିମନ୍ତେ ପାଇପ ସଂଯୋଗ ହୋଇଛି । ପାଇପ ସଂଯୋଗ ହେବା ପରେ କିଛି ଦିନ ପାଣି ମଧ ଠିକଠାକ୍ ଚାଲିଥିଲା । ତା'ପରେ ପ୍ରାୟ ସାତ ଆଠ ମାସରୁ ଉର୍ଦ୍ଧ୍ୱ ହେବ ପାଣି ଯୋଗାଣ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇ ଯାଇଥିଲା । ପରେ ପୁଣି ଚାରି ପାଂଚ ଦିନ ପାଣି ଯୋଗାଣ ହୋଇଥିଲା । ଗ୍ରାମର ସ୍କୁଲ ସାହିକୁ ପାଣି ଆସୁଥିବା ବେଳେ ମୁଣ୍ଡା ସାହି, ମଝିସାହି ଓ ତଳସାହିକୁ ପାନୀୟ ଜଳ ଯୋଗାଣ ପୁଣି ବନ୍ଦ ହୋଇ ଯାଇଥିଲା । ଏବେ କିଛି ଦିନ ପୂର୍ବରୁ ଚାରି ପାଂଚ ଦିନ ଜଳ ଯୋଗାଣ କରିବା ପରେ ପୁଣି ଏକ ସପ୍ତାହରୁ ଅଧିକ ହେବ ଜଳ ଯୋଗାଣ ବନ୍ଦ ହୋଇଯାଇଛି । ଫଳରେ ପିଇବା ପାଣି ପାଇଁ ତହଳ ବିକଳ ହେଉଛନ୍ତି ମହେଶ୍ୱରପୁର ଗ୍ରାମର ଶତାଧିକ ପରିବାର । ପୂର୍ବରୁ ରହିଥିବା ନଳକୂପ ଉପରେ ସମସ୍ତେ ନିର୍ଭର କରୁଥିବା ବେଳେ ଏବେ ନଳକୂପ ଗୁଡିକ ଅତି ପୁରୁଣା ହୋଇ ଯାଇଥିବାରୁ ତାହା ଆବଶ୍ୟକ ଅନୁଯାୟୀ ପାଣି ଯୋଗାଇ ପାରୁ ନାହିଁ । ଅନ୍ୟପକ୍ଷରେ କାର୍ଯ୍ୟରତ କର୍ମଚାରୀ ମାନେ ନିଜ କାର୍ଯ୍ୟ ଠିକ୍ ଭାବେ ନକରି ମନମାନି କରୁଥିବାରୁ ଗ୍ରାମକୁ ଜଳ ଯୋଗାଣ ହୋଇ ପାରୁ ନଥିବା ଅଭିଯୋଗ ହେଉଛି । ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳଗ୍ଣ ହେଉଥିବା ସତ୍ତ୍ୱେ ଗ୍ରାମରେ ଦୀର୍ଘ ଦିନ ଧରି ଲାଗି ରହିଥିବା ଜଳ ସଙ୍କଟ ପ୍ରତି ବିଭାଗୀୟ ଅଧିକାରୀମାନେ ମଧ ଗୁରୁତ୍ୱ ଦେଉ ନଥିବାରୁ ଗ୍ରାମକୁ ବାରମ୍ବାର ଜଳ ଯୋଗାଣ ବନ୍ଦ ହେବା ଫଳରେ ପିଇବା ପାଣି ଟୋପାଏ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ । ଫଳରେ ଏହାକୁ ନେଇ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଗ୍ରାମରେ ପାଣି ସମସ୍ୟା ଦୂର କରିବାକୁ ଦାବୀ ହେଉଛି ।

# ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ ନିମନ୍ତେ ବିଏଲ୍‌ଓ ଓ ସୁପରଭାଇଜରମାନଙ୍କ ପ୍ରଶିକ୍ଷଣ

ବେତନଟୀ : (ନି ପ୍ର) ଜାତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ କାର୍ଯ୍ୟକ୍ରମକୁ ସଫଳ ଏବଂ ସୁଚାରୁ ଭାବେ କାର୍ଯ୍ୟକରୀ କରିବା ଉଦ୍ଦେଶ୍ୟରେ ଆଜି ବଡ଼ସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବେତନଟୀ ବ୍ଲକରେ ବୁଥ୍ ଲେଭେଲ୍ ଅଫିର୍ସ (ବିଏଲ୍‌ଓ) ଏବଂ ବିଏଲ୍‌ଓ ସୁପରଭାଇଜର ମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ମତଦାତା ତାଲିକାକୁ ନିର୍ଭୁଲ, ସ୍ୱଚ୍ଛ ଏବଂ ଅପଡେଟ ରଖିବା ସହିତ ଯୋଗ୍ୟ ମତଦାତାଙ୍କ ନାମ ସଠିକ ଭାବେ ଅନ୍ତର୍ଭୁକ୍ତ କରିବା ପାଇଁ ଏହି ପ୍ରଶିକ୍ଷଣର ଆୟୋଜନ କରାଯାଇଥିଲା । ପ୍ରଶିକ୍ଷଣରେ ବିଏଲ୍‌ଓ ଓ ବିଏଲ୍‌ଓ ସୁପରଭାଇଜର ମାନଙ୍କୁ ଘରେ ଘରେ ସର୍ବେକ୍ଷଣ ପ୍ରକ୍ରିୟା, ନୂତନ ମତଦାତାଙ୍କ ନାମ ସଂଯୋଜନ, ମୃତ ଓ ସ୍ଥାନାନ୍ତରିତ ମତଦାତାଙ୍କ ନାମ ବିଲୋପ, ତଥ୍ୟ ସଂଶୋଧନ, ଫର୍ମ ପୂରଣ ଏବଂ ଅନଲାଇନ୍ ଓ ଅଫଲାଇନ୍ ଆବେଦନ ପ୍ରକ୍ରିୟା ସମ୍ପର୍କରେ ସବିସ୍ତାର ଭାବେ ଅବଗତ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀ ଦୁଃଖବନ୍ଧୁ ନାୟକ ଉପସ୍ଥିତ ରହି ବିଏଲ୍‌ଓ ଓ ବିଏଲ୍‌ଓ ସୁପରଭାଇଜର ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସେ ନିର୍ବାଚନୀ ପ୍ରକ୍ରିୟାରେ ସ୍ୱଚ୍ଛତା, ନିର୍ଭୁଲତା ଏବଂ ଦାୟିତ୍ୱବୋଧ ବଜାୟ ରଖିବା ପାଇଁ କ୍ଷେତ୍ରସ୍ତରୀୟ କର୍ମଚାରୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସେଥିସହ ସମସ୍ତ କାର୍ଯ୍ୟକୁ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସମୟସୀମା ମଧ୍ୟରେ ସଠିକ ଭାବେ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ନିର୍ବାଚନ) ଶ୍ରୀ ଇଶ୍ୱର ଚନ୍ଦ୍ର ନାଏକ ମଧ ଉପସ୍ଥିତ ଥିଲେ । ସେ ମତଦାତା ତାଲିକା ପ୍ରସ୍ତୁତି ସମୟରେ ତଥ୍ୟର ସଠିକତା ଉପରେ ବିଶେଷ ଗୁରୁତ୍ୱ ଦେବା ସହିତ ଯୋଗ୍ୟ ମତଦାତାଙ୍କୁ ତାଲିକାଭୁକ୍ତ କରିବା ଏବଂ ଅଯୋଗ୍ୟ ନାମ ବିଲୋପ କରିବା ପ୍ରକ୍ରିୟାକୁ ଗୁରୁତର ସହ କାର୍ଯ୍ୟକରୀ କରିବାକୁ ପରାମର୍ଶ ଦେଇ ଥିଲେ । ସେହିପରି ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀ ଚନ୍ଦ୍ରଜିତ୍ ବେହେରା ଏବଂ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଶ୍ରୀ ମୁନା ସେଠୀ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ କାର୍ଯ୍ୟରେ ସହଯୋଗ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ନିର୍ବାଚନ ଅଧିକାରୀ, ବ୍ଲକ ସ୍ତରୀୟ କର୍ମଚାରୀ ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂଘର ୪ର୍ଥ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ

ଭୁବନେଶ୍ୱର: ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ମହାସଂ ପକ୍ଷରୁ ଚତୁର୍ଥ ବାର୍ଷିକ ରାଜ୍ୟସ୍ତରୀୟ ସମ୍ମିଳନୀ ମଙ୍ଗଳବାର ଜୟଦେବ ଭବନ ଭୁବନେଶ୍ୱର ଠାରେ ମହା ସମାରୋହରେ ପାଳନ କରାଯାଇଛି ।ଉକ୍ତ ସମ୍ମିଳନୀରେ ରାଜ୍ୟ ସଭାନେତ୍ରୀ ଜନକ ପ୍ରଧାନ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଓଡ଼ିଶା ଉଚ୍ଚନ୍ୟାୟାଳୟର ଆଡ୍‌ଭୋକେଟ୍ ପ୍ରତିଭା ବର୍ମା ଓ ମହାସଂଘର ରାଜ୍ୟ ଆବାହକ ଦିଗମ୍ବର ଜେନା ଯୋଗଦେଇ ତାଙ୍କ ଅଭିଭାଷଣରେ କହିଲେ ଓଡ଼ିଶାରେ ଦୀର୍ଘଦିନ ଧରି ୧ଲକ୍ଷ ୨୭ ହଜାର ମଧ୍ୟାହ୍ନଭୋଜନ ପାଚକ ପାଚିକାମାନେ ଦୀର୍ଘଦିନ ଧରି କାର୍ଯ୍ୟକରି ଆସୁଛନ୍ତି । ବର୍ତ୍ତମାନ ୩ ହଜାର ଟଙ୍କା ମାସିକ ପାରିଶ୍ରମିକ ବାବଦରେ ପାଉଛନ୍ତି ତା' ସମୁଦ୍ରକୁ ଶଙ୍ଖେ । ସେମାନଙ୍କ ଦାବିଗୁଡ଼ିକ ହେଲା - ମାସିକ ୧୫,୦୦୦ ଟଙ୍କା ଦରମା ଲାଗୁ କରାଯାଉ, ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ମାନ୍ୟତା ଦିଆଯିବା ସହିତ ଡ୍ରେସ୍‌କୋର୍ଡ ଲାଗୁ କରାଯାଉ , ଚିକିତ୍ସା ଭତା ସହିତ ଜୀବନ ବୀମାର ସୁବିଧା , ୨୦୧୮ ମସିହା ଜାନୁଆରୀ ମାସଠାରୁ ବ□ମାନ ପ୍ରଚଳିତ ବର୍ଦ୍ଧିତ ଦରମାର ବକେୟା ପାଉଣା ୨୭,୦୦୦ଟଙ୍କା ଦିଆଯିବା ସହିତ ମଇ, ଜୁନ୍ ଛୁଟି ଦୁଇ ମାସର ଦରମା ପ୍ରଦାନ କରାଯାଉ, ଛଟେଇ ଏବଂ ନିଯୁକ୍ତି କରିବା ବ୍ୟବସ୍ଥାକୁ ସରକାରଙ୍କ ସ୍କୁଲ୍ ବିଭାଗ ସିଧାସଳଖ ନିୟନ୍ତ୍ରଣରେ କରାଯାଉ, ଭବିଷ୍ୟନିଧି ଯୋଜନାରେ ସାମିଲ୍ କରାଯାଉ, ଅବସର ସୀମା ୬୦ ବର୍ଷରୁ ୬୨ ବର୍ଷ କରାଯାଉ . ପେନସନ୍ ଲାଗୁ କରାଯାଉ ଏବଂ କାର୍ଯ୍ୟରତ ସମୟରେ ଆକସ୍ମିକ ବିୟୋଗରେ କ୍ଷତିପୂରଣ ଦିଆଯିବାର ବ୍ୟବସ୍ଥା କରାଯାଉ । ଉକ୍ତ ସମ୍ମିଳନୀରେ ଓଡ଼ିଶା ୩୦ଗୋଟି ଜିଲ୍ଲାର ପାଚକ/ପାଚିକାମାନେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ଦେବା ସହିତ ସମୂହ ଦସ୍ତଖତ କରି ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ତାଙ୍କ ବାସଭବନକୁ ଯାଇ ପ୍ରଦାନ କରିଥିଲେ ।

# ଓଡ଼ଗାଁ ଠାରେ ଖଣ୍ଡପଡ଼ା କୃଷକ ଉତ୍ପାଦକ କମ୍ପାନୀର ମୁଗ ମଣ୍ଡି ଉଦ୍‌ଘାଟନ

ନୟାଗଡ଼(ନିପ୍ର): ବିଶ୍ୱ ବ୍ୟାଙ୍କ ଏବଂ ମୃତିକା ସଂରକ୍ଷଣ ଓ ଜଳ ବିଭାଜିକା ର ମିଳିତ ସହଯୋଗରେ କାର୍ଯ୍ୟକାରି ହେଉଥିବା ରିୱାର୍ଡ ପ୍ରକଳ୍ପ ଅଧୀନରେ ଖଣ୍ଡପଡ଼ା କୃଷକ ଉତ୍ପାଦକ କମ୍ପାନୀ ଲିମିଟେଡର ଓଡ଼ଗାଁସ୍ଥିତ କାର୍ଯ୍ୟାଳୟଠାରେ ୨୬ ତାରିଖ ମଙ୍ଗଳବାର ଦିନ ମୁଗ ମଣ୍ଡି ଉଦଘାଟନ ହୋଇଯାଇଅଛି, ଏହି କାର୍ଯ୍ୟକ୍ରମରେ ଶ୍ରୀ ଉପେନ୍ଦ୍ର କୁମାର ପରିଡ଼ା, ପ୍ରକଳ୍ପ ନିର୍ଦ୍ଦେଶକ, ଜଳ ବିଭାଜିକା ନୟାଗଡ଼, ମଧୁସ୍ମିତା ବେହେରା (PIA Odagaon), ସନ୍ତୋଷ କୁମାର ରାଉତରାୟ, ମାର୍କଫେଡ୍, ଗ୍ରାଂଟ ଥର୍ଟନ ଭାରତରୁ ଘନଶ୍ୟାମ ଜେନା (TSA), ଦେବାଶିଷ୍ ସାହାଣୀ, (ଠଇଡ ଓଡ଼ଗାଁ), ଖଣ୍ଡପଡ଼ା କୃଷକ ଉତ୍ପାଦକ କମ୍ପାନୀର କର୍ମକର୍ତା ଅନିଲ ସାହୁ, ରଙ୍କନିଧି ବେହେରା, ବଳରାମ ସ୍ୱାଇଁ ଉପସ୍ଥିତ ଥିଲେ । କମ୍ପାନୀର ଅଧକ୍ଷ ଶ୍ରୀଯୁକ୍ତ ଅବଧୂତ ମହାରଣା ସଭାପତିତ୍ୱ କରିଥିଲେ । ଓଡ଼ଗାଁ ରିୱାର୍ଡ ଅଂଚଳ ଗୁଡ଼ିକରୁ ମୁଗ କ୍ରୟକୁ ସୁଦୃଢ଼ ଏବଂ ବଜାର ସଂଯୋଗକୁ ଉନ୍ନତ କରିବା ପାଇଁ ମୁଗ ମଣ୍ଡି ପ୍ରତିଷ୍ଠାର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା । ଚଳିତ ବର୍ଷ ଖଣ୍ଡପଡ଼ା କୃଷକ ଉତ୍ପାଦକ କମ୍ପାନୀ ୫୦ ଟନ୍ ମୁଗ କିଣିବା ପାଇଁ ଯୋଜନା ରଖିଥିବା ବେଳେ ଉଦ୍ ?ଘାଟନ ଉତ୍ସବରେ ୬ ଜଣ ଚାଷୀଙ୍କ ଠାରୁ ୯ କୁଇଂଟାଲ ମୁଗ କ୍ରୟ କରାଯାଇଥିଲା । ପ୍ରଥମ କରି ଅଂଚଳରେ ଏଭଳି ସୁବିଧା ଉପଲବ୍ଧ ହୋଇଥିବାରୁ ଏବଂ ମୁଗ କିଲୋ ପିଛା ୮୭ ଟଙ୍କା ୬୭ ପଇସା ରହିଛି । ଅପରପକ୍ଷେ ଅଂଚଳରେ ମୁଗର ଅଭାବୀ ବିକ୍ରି ବ୍ୟାପକ ଭାବେ ବଢ଼ି ଚାଲିଥିବା ବେଳେ ଦଲାଲ ମାନେ ଚାଷୀଙ୍କ ଠାରୁ ୫୦ ରୁ ୬୦ ଟଙ୍କାରେ କିଣି ବେଶ୍ ମାଲେମାଲ୍ ହେଉଥିଲେ । ମୁଗ ମଣ୍ଡି ଖୋଲିବା ପରେ ଦଲାଲଙ୍କ ବେପାରରେ ରୋକ୍ ଲାଗିଥିବା ବେଳେ ବହୁ ଚାଷୀ ଉଚିତ୍ ମୂଲ୍ୟରେ ବିକ୍ରୟ କରିବାକୁ ସୁଯୋଗ ପାଇବେ । ଉକ୍ତ ଉତ୍ସବକୁ ପ୍ରକଳ୍ପ ସଂଯୋଜକ ପଂଚାନନ ବୈଠାରୁ ପରିଚାଳନା କରିଥିଲେ ।



# ୨୦୨୬-୨୭ ବର୍ଷ ପାଇଁ ଚୁକ୍ତିନାମା ବୈଠକ ଅନୁଷ୍ଠିତ

ନୂଆପଡ଼ା(ନିପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଢଙ୍କସର ଗ୍ରାମରେ ଥିବା ମା ସନିଏନ ନାଟ୍ୟକଳା ଅନୁଷ୍ଠାନ ପକ୍ଷରୁ ଚଳିତ ୨୦୨୬-୨୭ ବର୍ଷ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ବୈଠକ ଯଜ୍ଞ ମଣ୍ଡପ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି, ନୂଆପଡା, ନବରଙ୍ଗପୁର ଏବଂ ପଡ଼ୋଶୀ ଛତିଶଗଡ଼ ଅ*ଳରେ ଅନେକ ନାଟ୍ୟକଳା ଅନୁଷ୍ଠାନ ରହିଥିବା ବେଳେ ଢକସରର ଏହି ଅନୁଷ୍ଠାନ ନିଜର ଲୋକାୟତ ସଂସ୍କୃତି, ନାଟ୍ୟ ପରମ୍ପରା ଓ ଶୃଙ୍ଖଳିତ ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଆସୁଛି । ଏହି ବୈଠକରେ ଅନୁଷ୍ଠାନର ପରିଚାଳନା ସଭାପତି ତଥା କୀର୍ତ୍ତନ ଗୁରୁ ମାଧବ କାଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠାନର ସମସ୍ତ କଳାକାର ଏକତ୍ରିତ ହୋଇଥିଲେ । ଆସନ୍ତା ବର୍ଷରେ କିପରି ଶାନ୍ତି, ଶୃଙ୍ଖଳା ଓ ସଂଗଠନକୁ ମଜବୁତ କରି ନାଟ୍ୟକଳାକୁ ଗାଁରୁ ଗାଁ ପହଂଚାଯିବ, ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ଗ୍ରାମୀଣ ଲୋକସଂସ୍କୃତିକୁ ଲୋକଲୋଚନରେ ଆଣିବା, ପୁରୁଣା ପାରମ୍ପରିକ ନାଟ୍ୟଧାରାକୁ ଜୀବନ୍ତ ରଖିବା ଏବଂ ନୂତନ ପିଢ଼ୀଙ୍କୁ ଏହି କଳା ପ୍ରତି ଆକୃଷ୍ଟ କରିବା ନେଇ ସମସ୍ତେ ମତପ୍ରକାଶ କରିଥିଲେ । ବୈଠକରେ ଏହା ମଧ ନିଷ୍ପତି ହୋଇଥିଲା ଯେ, ଚଳିତ ୨୦୨୬-୨୭ ବର୍ଷ ପାଇଁ ଅନୁଷ୍ଠାନ ସହ ଯୋଡ଼ାଯାଇଥିବା କଳାକାରମାନେ ଗୋଟିଏ ବର୍ଷର ଚୁକ୍ତି ଅବଧି ମଧରେ ଅନ୍ୟ କୌଣସି ନାଟ୍ୟକଳା ଅନୁଷ୍ଠାନରେ ଯୋଗଦେଇପାରିବେ ନାହିଁ । ଗୋଟିଏ ସଂଗଠନର ଅବଧି ସମାପ୍ତ ହେବା ପରେ ମାତ୍ର କଳାକାରମାନେ ଅନ୍ୟ ଅନୁଷ୍ଠାନକୁ ଯୋଗଦେବାକୁ ସ୍ୱାଧୀନ ହେବେ । ଏହି ନିୟମ ମାଧମରେ ସଂଗଠନର ଏକତା, ଶୃଙ୍ଖଳା ଓ କଳାର ମର୍ଯ୍ୟାଦାକୁ ଅବିକଳ ରଖିବାକୁ ଗୁରୁତ୍ୱ ଦିଆଯାଇଛିଓ ଅନୁଷ୍ଠାନର କଳାକାରମାନେ ଏହି ବୈଠକରେ ନିଜ ନିଜ ମତାମତ ରଖିଥିଲେ । ଗାଁ ଗାଁରେ ନାଟ୍ୟମସଙ୍ଗ ମାଧ୍ୟମରେ ଲୋକଙ୍କୁ ସାମାଜିକ ସଚେତନତା, ସଂସ୍କୃତିର ମହତ୍ତ୍ୱ ଓ ଲୋକପରମ୍ପରା ସମ୍ପର୍କରେ ସନ୍ଦେଶ ଦେବା ନେଇ ମଧ ଆଲୋଚନା ହୋଇଥିଲା । ବିଭିନ୍ନ ଗ୍ରାମରୁ ଆସୁଥିବା କଳାକାରମାନେ ଗୋଟିଏ ମସଙ୍ଗରେ ଏକାଟି ହୋଇ ନିଜର କଳା ପ୍ରଦର୍ଶନ କରିବା ଦ୍ୱାରା ଭାଇଚାରା ଓ ସଂସ୍କୃତିକ ଏକତା ବୃଦ୍ଧି ପାଇବ ବୋଲି ଉପସ୍ଥିତ ସଦସ୍ୟମାନେ ମତ ପ୍ରକାଶ କରିଥିଲେ । ଚଳିତ ବର୍ଷରେ ଅନୁଷ୍ଠାନକୁ କିପରି ଆହୁରି ସୁଦୃଢ଼ କରାଯିବ, କଳାକାରମାନଙ୍କ ମଧରେ ସମନ୍ୱୟ କିପରି ବଢ଼ାଯିବ ଓ ନାଟ୍ୟକଳାର ମାନକୁ କିପରି ଉନ୍ନତ କରାଯିବ, ସେନେଇ ମଧ ଗଭୀର ଆଲୋଚନା ହୋଇଥିଲା । ଏହି ନାଟ୍ୟକଳା ଅନୁଷ୍ଠାନର ଚୁକ୍ତିନାମା ବୈଠକରେ ନାଟ୍ୟ ଗୁରୁ ବିଦ୍ୟାଧର ପଟେଲ, ରାଜା ଅଭିନୀୟ ଚୂଡ଼ାମଣୀ ପଟେଲ, ଭିଲିଏନ ଅଭିନୟ ଡୋଲମଣୀ ସାହା, ଫାଷ୍ଟ ହିରୋଇନ ମନୋଜ ଦଳେଇ, ସେକେଣ୍ଡ ହିରୋଇନ ଘନଶ୍ୟାମ ବାଗ, ମନ୍ତ୍ରୀ ଉଗ୍ରେସନ ଶବର, କିବୋଡ଼ ମାଷ୍ଟର ଜଗଦୀଶ ତାଣ୍ଡି, ପେଡ ମାଷ୍ଟର ଅନାଦି ନିଆଲ, ନାଲ ମାଷ୍ଟର ଭୁଜବଳ ମାଝୀ, ରାନୀ ଅଭିନୟ ଚୈତନ୍ୟ ଦଳେଇ, ହିରୋ ଭୂମିକାରେ ଆୟୁଷ ମାଝୀ ପ୍ରମୁଖ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଓ ସମସ୍ତ କଳାକାର ଏକମତ ହୋଇ ଅନୁଷ୍ଠାନର ଉନ୍ନତି ଓ ଲୋକକଳାର ପ୍ରଚାର ପ୍ରସାର ପାଇଁ ନିଷ୍ଠାର ସହ କାମ କରିବାକୁ ସଂକଳ୍ପ କରିଥିଲେ । ବୈଠକ ଶେଷରେ ପରିଚାଳନା ସଭାପତି ମାଧବ କାଣ୍ଡ ସମସ୍ତ ଉପସ୍ଥିତ କଳାକାର, ସଦସ୍ୟ ଓ ଶୁଭେଚ୍ଛୁମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ସମସ୍ତଙ୍କ ସହଯୋଗ ଓ ଏକତା ଦ୍ୱାରା ମା ସନିଏନ ନାଟ୍ୟକଳା ଅନୁଷ୍ଠାନ ଆଗାମୀ ଦିନରେ ଆହୁରି ସଫଳତାର ସିଢ଼ି ଚଢ଼ିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ଧନ୍ୟବାଦ ଅର୍ପଣ ପରେ ସଭାର ସମାପ୍ତି ଘୋଷଣା କରାଯାଇଥିଲା ।



# ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ବିଏମ୍‌ସିର ବ୍ୟାପକ ପଦକ୍ଷେପ

ଭୁବନେଶ୍ୱର: ଅପେକ୍ଷାରତ ବସ ଯାତ୍ରୀମାନଙ୍କୁ ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ରକ୍ଷା କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଉଦଘାଟିତ ହେଲା ସ୍ୱତନ୍ତ୍ର ବେଣାଚେର ପରଦାର ବସ୍ କ୍ୟୁ ସେଲଟର । ଏହି ଉପଲକ୍ଷେ ବିଏମ୍ ସି ମୁଖ୍ୟାଳୟ ସମ୍ମୁଖରେ ଥିବା ବସଷ୍ଟାଣ୍ଡ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଂଜୁଲତା କହଁର, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡି କମିଟି ଅଧ୍ୟକ୍ଷ ବିରଂଚି ନାରାୟଣ ମହାସୂପକାର, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ସ୍ଥାନୀୟ କର୍ପୋରେଟର ମଂଜୁଲତା ରାୟ, ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ ପ୍ରମୁଖ ଉପସ୍ଥିତ ଥିଲେ । ସହରର ୧୦ ଗୋଟି ପ୍ରମୁଖ ବସ ଷ୍ଟପରେ ଏହି ସ୍ୱତନ୍ତ୍ର ବେଣାଚେରେ ତିଆରି ହୋଇଥିବା ବସ୍ କ୍ୟୁ ସେଲଟର ଉଦଘାଟିତ ହୋଇଯାଇଛି । ସେଗୁଡିକ ମଧ୍ୟରେ ରୂପାଲୀ ଛକ, ବାଣୀବିହାର ନିକଟ ୱାଟକୋ ଅଫିସ୍ ସମ୍ମୁଖ, ବାଣୀବିହାର ପାଂଟାଲୁନ୍ ସମ୍ମୁଖ, ରସୁଲଗଡ, ଜୟଦେବ ବିହାର ଛକ, ଡମଣା ଛକ (ଜୟଦେବ ବିହାର ଆଡକୁ), ଡମଣାଛକ (ପଟିଆ ଆଡକୁ), ରାଜଧାନୀ କଲେଜ୍ ଗେଟ୍ ସମ୍ମୁଖ, ରାଜଧାନୀ କଲେଜ (ଫାୟାର ଷ୍ଟେସନ ଆଡକୁ)ଆଦି ସ୍ଥାନରେ ନିର୍ମାଣ କରାଯାଇଛି । ଏହି ବେଣା ଚେର ନିର୍ମିତ ବସ୍ କ୍ୟୁ ସେଲଟରେରେ ଦୈନିକ ୩ ଥର ଲେଖାଏଁ ପାଣି ଦିଆଯାଉଛି । ଯାହା ଫଳରେ କେବଳ ତା ଭିତର ନୁହେଁ, ପାର୍ଶ୍ୱବର୍ତି ଅଂଚଳ ମଧ ଥଣ୍ଡା ରହୁଛି । ଦୀର୍ଘ ସମୟ ଧରି ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଅପେକ୍ଷା କରିବାକୁ ପଡୁଛି । ଏବେ ଲୋକମାନେ ଟିକେ ଆଶ୍ୱସ୍ତ ଅନୁଭବ କରୁଛନ୍ତି । ସହରରେ ଆଉ ୨୦ ଗୋଟି ସ୍ଥାନରେ ଏହି ଶୀତଳ ବସ ଷ୍ଟପ୍ କରାଯିବ ବୋଲି ସୂଚନା ଦିଆଯାଇଛି । ଗ୍ରୀଷ୍ମ ପ୍ରବାହରୁ ଜନସାଧାରଣଙ୍କ ସହ ବୁଲା ପଶୁ ପକ୍ଷୀଙ୍କୁ ସୁରକ୍ଷା ଦେବା ପାଇଁ ବିଏମ୍ ସି ବ୍ୟାପକ ପଦକ୍ଷେପ ନେଇଛି । ଦୀର୍ଘସ୍ଥାୟୀ ଏବଂ ପ୍ରାକୃତିକ ଉପାୟରେ ସମସ୍ତଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ୟମ ଜାରି ରଖିଛି । ଲୋକମାନଙ୍କୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ଟ୍ରାଫିକ୍ ଛକରେ ସ୍ୱତନ୍ତ୍ର ସ୍ଥାୟୀ ସେଡ୍ ନିର୍ମାଣ କରାଯାଇଛି । ଫଳରେ ପଥଚାରୀମାନେ ଟ୍ରାଫିକ୍ ଛକରେ ଖରା ଓ ବର୍ଷାରୁ ରକ୍ଷା ପାଇପାରିବେ ।

# ୨ଟି ସମସ୍ୟାକୁ ନେଇ ଉପଜିଲ୍ଲାପାଳଙ୍କୁ ଭେଟିଲେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା

ଉଦଳା (ନିପ୍ର): ଉଦଳା ବଜାରର ପ୍ରମୁଖ ଛକ ହାଇସ୍କୁଲ ପାର୍ଶ୍ୱରେ ସମସ୍ତ ଦୋକାନୀ, ଥାନା ଛକ ବସଷ୍ଟାଣ୍ଡରେ ଥିବା ଦୋକାନୀ ଭାଇମାନଙ୍କୁ ବିସ୍ଥାପିତଙ୍କୁ ଥାଇଥାନ ଆବଶ୍ୟକତାକୁ ନେଇ ଉଦଳା ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ତରଫରୁ ଏକ ଦାବି ପତ୍ର ଚଳିତ ମାସ ଉପଜିଲ୍ଲାପାଳଙ୍କ ନିକଟରେ ଦେଇ ଥିଲେ ହେଲେ ଏପର୍ଯ୍ୟନ୍ତ ସମାଧାନ ନହେବା ଫଳରେ ଆଜି ପୁଣି ସେହି ଦୁଇଟି ଦାବିକୁ ଦୋହରାଇ ଅଛି ଉଦଳା ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା । ଉଦଳା ବାରିପଦା ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଅଛି । ଏ ବାବଦରେ ସରକାରଙ୍କୁ ବାରମ୍ବାର ଅବଗତ କରାଗଲେ ମଧ ପ୍ରଶାସନ ନିରବଦ୍ରଷ୍ଟା ସାଜିଅଛି । ଯାହାକୁ ନେଇ ଏକ ୭ ଘଂଟିଆ ବନ୍ଦ ଡାକରା ଜୁନ ୬ ତାରିଖରେ ଝାରଖଣ୍ଡ ଦଳ କରିବ ବୋଲି ଆଜିର ଦାବିପତ୍ରରେ ଉଲ୍ଲେଖ କରି ଅଛନ୍ତି । ଭଙ୍ଗା ଯାଇଥିବା ଦୋକାନୀ ଭାଇମାନଙ୍କୁ ତୁରନ୍ତ ଦୋକାନ ଗୃହ ପ୍ରଦାନ ସହିତ ଉଦଳାରୁ ବାରିପଦା ଯାଇଥିବା ୧୯ ନମ୍ବର ରାଜପଥ ପୁନଃ ନିର୍ମାଣ କରିବା ପାଇଁ ଦାବି କରି ଅଛନ୍ତି । ଆଜି ଉପଜିଲ୍ଲାପାଳଙ୍କୁ ୨ଦଫା ଦାବିପତ୍ରକୁ ନେଇ ଝାଡ଼ଖଣ୍ଡ ଦଳର ଉପସଭାପତି ରାଜା ହେମ୍ବ୍ରମ, ଟୁମ୍ପୁ ମୁର୍ମୁ ଓ ଚନ୍ଦନ ପଣ୍ଡା ସହ ପ୍ରମୁଖ କିଛି କର୍ମୀ ଉପସ୍ଥିତ ଥିଲେ ।

# ଶବ ରଖି କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ଗ୍ରାମ୍ ପୂର୍ବରୁ ଏକ ବସ୍ ଧକ୍କା ରେ ବଡ଼ମହେଶ୍ୱର ଗ୍ରାମର ଅରୁଣ କୁମାର ମାଝୀ ୩୮ବର୍ଷଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଅଛି । ବାଇକ୍ ରେବୈକୁଣ୍ଠ ମାଝୀ ଙ୍କ ପୁଅ ଅରୁଣ କୁମାର ମାଝୀ ବାଇକ୍ । ଯୋଗେ କିଛି ପାଣି ପମ୍ପ ର ସାମନ ନେଇଁ ଯାଇଥିଲେ । ଘରକୁ ଫେରୁଥିବା ବେଳେ ତାଙ୍କୁ ଏକ ଘରୋଇ ବସ୍ ଧକ୍କା ଦେଇଥିଲା ।ଫଳରେ ଅରୁଣ ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଅଛି । ଘଟଣା ସ୍ଥଳେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ପହଂଚି ରେଡକ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ସହାୟତା ସହ ୩ ହଜାର ଟଙ୍କା ହରିଶ୍ଚନ୍ଦ୍ର ଯୋଜନାରୁ ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି ।ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି ଙ୍କ ନେତୃତ୍ୱରେ ଖଡ଼ିଆଳ କଂଗ୍ରେସ ଦଳ ପକ୍ଷ ରୁ କମଳ ଚରଣ ତାଣ୍ଡି ଉପସ୍ଥିତି ରେ କ୍ଷତିପୂରଣ ଦାବୀ ନେଇ ଶବ ରଖି ଜାତୀୟ ରାଜପଥ ଅବରୋଧ କରିଥିଲେ । ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଅଛି ।

# ବାଲୁକାଶିଳ୍ପୀ ଓ ଆନ୍ତର୍ଜାତୀୟ ରଗବୀ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବାରିପଦା(ନିପ୍ର): ଜିଲ୍ଲା ପ୍ରଶାସନ ମୟୂରଭଞ୍ଜ ପକ୍ଷରୁ ଜିଲ୍ଲାର କୃତୀ ବାଲୁକାଶିଳ୍ପୀ ଶ୍ରୀ ଦଶରଥ ମହାନ୍ତ ଏବଂ ଆନ୍ତର୍ଜାତୀୟ ମହିଳା ରଗବୀ ଖେଳାଳି ପାର୍ବତୀ ହାଁସଦା ଓ ଆରତୀ ମୁର୍ମୁଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସଫଳତା ପାଇଁ ଏକ ସମ୍ବର୍ଦ୍ଧନା ସଭାରେ ସମ୍ମାନିତ କରାଯାଇଥିଲା । ଜିଲ୍ଲାର କଳା ଓ କ୍ରୀଡା କ୍ଷେତ୍ରରେ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ଗୌରବ ଆଣିଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଭାମାନଙ୍କୁ ଉତରୀୟ ଓ ବୃକ୍ଷଚାରା ପ୍ରଦାନ କରି ସମ୍ମାନିତ କରିଥିଲେ । ସେ ନିଜ ଅଭିଭାଷଣରେ କହିଥିଲେ ଯେ, ମୟୂରଭଞ୍ଜର ପ୍ରତିଭାମାନେ ନିଜ ଦକ୍ଷତା ଓ ପରିଶ୍ରମ ବଳରେ ରାଜ୍ୟ ଏବଂ ଦେଶ ପାଇଁ ଗୌରବ ଆଣୁଛନ୍ତି । ସେମାନଙ୍କ ସଫଳତା ଜିଲ୍ଲାର ଯୁବପିଢ଼ୀଙ୍କୁ କ୍ରୀଡା ଓ ସୃଜନଶୀଳ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ ବୋଲି ସେ କହିଥିଲେ । ଆନ୍ତର୍ଜାତୀୟ ବାଲୁକାଶିଳ୍ପୀ ଶ୍ରୀ ଦଶରଥ ମହାନ୍ତଙ୍କୁ ମୟୂରଭଞ୍ଜର ଐତିହାସିକ ଚୈତ୍ର ପର୍ବ ଅବସରରେ ପ୍ରସ୍ତୁତ କରିଥିବା ବିଶାଳ ବାଲୁକା କଳା ଏସିଆ ବୁକ୍ ଅଫ ରେକର୍ଡସ୍ ରେ ସ୍ଥାନ ପାଇ ଜିଲ୍ଲାକୁ ଆନ୍ତର୍ଜାତୀୟ ସ୍ତରରେ ସ୍ୱତନ୍ତ୍ର ପରିଚୟ ଦେଇଥିବାରୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ସୂଚନା ଯୋଗ୍ୟ, ପ୍ରାୟ ଆଠ ଲକ୍ଷ କିଲୋ ବାଲି ବ୍ୟବହାର କରି ୫୦ ଫୁଟ୍ ଓସାର ଓ ୨୦ ଫୁଟ୍ ଉଚ୍ଚତାର ଏହି ଆକର୍ଷଣୀୟ ବାଲୁକା ଶିଳ୍ପ କରି ମୟୁରଭଞ୍ଜର ଲୋକକଳା, ପରମ୍ପରା ଓ ସାଂସ୍କୃତିକ ଇତିହାସକୁ ସୁନ୍ଦର ଭାବରେ ସ୍ଥାନିତ କରିଥିଲେ । ସେହିପରି ଭାରତୀୟ ମହିଳା ରଗବୀ ଦଳର ଅଧିନାୟିକ ପାର୍ବତୀ ହାଁସଦା ଏବଂ ଆନ୍ତର୍ଜାତୀୟ ରଗବୀ ଖେଳାଳି ଆରତୀ ମୁର୍ମୁଙ୍କୁ ଆନ୍ତର୍ଜାତୀୟ ମହିଳା ରଗବୀ ପ୍ରତିଯୋଗିତାରେ ଭାରତୀୟ ଦଳ ପକ୍ଷରୁ ସଫଳ ପ୍ରତିନିଧିତ୍ୱ କରି ଦେଶ, ରାଜ୍ୟ ଓ ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ସମ୍ମାନିତ କରାଯାଇଥିଲା ।



# ନିଟ ସ୍କାମ ପ୍ରତିବାଦରେ ଛାତ୍ର କଂଗ୍ରେସର ମଶାଲ ରାଲି

ଭୁବନେଶ୍ୱର: ପ୍ରଦେଶ ଛାତ୍ର କଂଗ୍ରେସ ନେତା ବିଭୂତି ଭୂଷଣ ମହାପାତ୍ରଙ୍କ ନେତୃତ୍ୱରେ ନିଟ ସ୍କାମ ପ୍ରତିବାଦରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ବିଜେପି ରାଜ୍ୟ କାର୍ଯ୍ୟାଳୟ ଅଭିମୁଖେ ଯାତ୍ରା କରୁଥିବା ବେଳେ ସେମାନଙ୍କୁ ବନଦୁର୍ଗା ମନ୍ଦିର ଠାରେ ପୋଲିସ ଅଟକାଇଥିଲା । ପୋଲିସ ଓ ଛାତ୍ର କଂଗ୍ରେସ କର୍ମୀମାନଙ୍କ ମଧରେ ଧସ୍ତାଧସ୍ତି ହୋଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତଳିକା ଦାହ କରାଯାଇଥିଲା । ଏହି ଅବସରରେ ପ୍ରଦେଶ ଛାତ୍ର କଂଗ୍ରେସ ନେତା ବିଭୂତି ମହାପାତ୍ର କହିଛନ୍ତି ଯେ ନିଟ ୟୁଜି ପରୀକ୍ଷାକୁ ବାତିଲ କରିବା ଦ୍ୱାରା ୨୨ ଲକ୍ଷ ଛାତ୍ରଛାତ୍ରୀ ପ୍ରଭାବିତ ହେଲେ । ନରେନ୍ଦ୍ର ମୋଦିଙ୍କ ଶାସନରେ ଗତ ୧୦ ବର୍ଷରେ ୯୦ ଟି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହୋଇଥିଲା ବେଳେ ମୋଦି ସରକାର ଚେତିଲେ ନାହିଁ । ଏହି ପ୍ରଶ୍ନପତ୍ର ପ୍ରଘଟରେ ୬.୫ କୋଟି ଛାତ୍ରଛାତ୍ରୀ ପ୍ରତକ୍ଷ୍ୟ ଓ ପ୍ରରୋକ୍ଷରେ ପ୍ରଭାବିତ ହୋଇଛନ୍ତି । ଅନ୍ୟପକ୍ଷରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମୟରେ ପୂର୍ବରୁ ନିଟ ପ୍ରଶ୍ନପତ୍ର ପ୍ରଘଟ ହେଲା ମାତ୍ର ଏହାର ପ୍ରତିକାର କଲେ ନାହିଁ । ରାଷ୍ଟ୍ରୀୟ ଏନଏସୟୁଆଇର ଅଧକ୍ଷ ବିନୋଦ ଜଖରଙ୍କ ନେତୃତ୍ୱ ଏବଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ପ୍ରେରଣାରେ ନିଟ ଦୁର୍ନୀତି ପ୍ରତିବାଦରେ ଛାତ୍ର କଂଗ୍ରେସ ତାର ଆନ୍ଦୋଳନ ଜାରି ରଖିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି । ଏହି ମଶାଲ ଶୋଭାଯାତ୍ରାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ଉଦ୍‌ଘାଟନ କରିଥିଲେ ।

# ହାଇୱା ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ

ସୋର(ନିପ୍ର): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ପାଇକାଳି ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ବାଲି ବୋଝେଇ ହାଇୱା ଧକାରେ ଜଣେ ବାଇକ ଚାଳକଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ରେମୁଣା ବ୍ଲକ ଇଂଚୁଡ଼ି ଗ୍ରାମର ରଞ୍ଜିତ କୁମାର ପ୍ରଧାନ(୪୦) ଜାମୁଝାଡ଼ିରେ ରହି ଟ୍ରକ ଚାଳକ ଭାବେ କାର୍ଯ୍ୟ କରନ୍ତି । କିନ୍ତୁ ଗତକାଲି ବିଳମ୍ବିତ ରାତିରେ ବାଇକ ଯୋଗେ ଜାମୁଝାଡିରୁ ଘରକୁ ଫେରୁଥିବା ବେଳେ ପାଇକାଳି ନିକଟରେ ପଛରୁ ଆସୁଥିବା ଓଡି ୨୨ ଏବି ୭୬୦୩ ନମ୍ବର ବିଶିଷ୍ଟ ବାଲି ବୋଝେଇ ହାଇୱା ବାଇକକୁ ଧକା ଦେଇଥିଲା । ଫଳରେ ରଞ୍ଜିତ ଗୁରୁତର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାକୁ ଆଣିଥିଲେ ।

# ପ୍ରସ୍ତୁତ ହୋଇଛି ଓଡ଼ିଆ ଚଳଚିତ୍ର 'ମୁରବୀ'

କନ୍ଧମାଳ : (ହି.ସ.)- ସାମ୍ପ୍ରତିକ ସାମାଜିକ ପରିବର୍ତ୍ତନ ସହିତ ତାଳ ଦେଇ ଚାଲିବାକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ଚଳଚିତ୍ର' ମୁରବୀ' । ସମ୍ପୂର୍ଣ୍ଣ ପାରିବାରିକ କାହାଣୀକୁ ନେଇ ତିଆରି ଏହି ଚଳଚିତ୍ର । ଦୁଇ ବାଲ୍ୟ ବନ୍ଧୁଙ୍କ ପରିବାର ମଧ୍ୟରେ ଥିବା ତାରତମ୍ୟ ଏଥିରେ ପ୍ରଦର୍ଶିତ ହୋଇଛି । ଦୁଇ ବନ୍ଧୁ ସେମାନଙ୍କ ପରିବାରର ମୁରବୀ ହେଲେହେଁ ସେମାନଙ୍କ ଅଲଗା ଅଲଗା ଶାସନ, ଆଚାର, ବିଚାର, ବ୍ୟବହାର, ସଂସ୍କୃତି ଓ ପରମ୍ପରା ରହିଛି । ଯାହାଫଳରେ ଗୋଟିଏ ପରିବାରରେ ଶାନ୍ତି ବିରାଜମାନ କରୁଥିବା ବେଳେ ଅନ୍ୟଟିରେ କଡା ଶାସନ ଯୋଗୁଁ ଅଶାନ୍ତି ଓ ଭୟ ବିରାଜ ମାନ କରୁଛି । ଅନ୍ୟପକ୍ଷରେ ଆଜିର ପରିବର୍ତ୍ତିତ ସମାଜରେ ଯୁବ ସମାଜ ସେମାନଙ୍କ ସ୍ୱାଧୀନ ଚିନ୍ତାଧାରାକୁ ଜୋରଜବରଦସ୍ତ ଜାହିର କରି ମୂଳ ପରିବାରରୁ ଅଲଗା ହେବାକୁ ଚାହୁଁଛନ୍ତି । ଏହି ଚଳଚିତ୍ର ଜରିଆରେ ଆଜିର ପରିବର୍ତ୍ତିତ ସମାଜକୁ ଏକ ଦିଗ୍ ଦର୍ଶନର ବାର୍ତ୍ତା ଦେବାକୁ ଉଦ୍ୟମ ହୋଇଛି । ସ୍ୱଳ୍ପ ବଜେଟରେ ପ୍ରସ୍ତୁତ ମୁରବୀ ଚଳଚ୍ଚିତ୍ରଟି । ଏହାର ନିର୍ମାତା ଦେବୀପ୍ରସାଦ ଲେଙ୍କା ଅଟନ୍ତି । ସେ ଏଥିପୂର୍ବରୁ ସୁଦୂର କୋରାପୁଟର ମାଓ ଅଧ୍ୟୁଷିତ ଅଂଚଳରେ (ସେତେବେଳେ) ନିର୍ମିତ 'ଦମନ' ଚଳଚ୍ଚିତ୍ର (ରାଷ୍ଟ୍ରୀୟ ସ୍ତରରେ ପୁରସ୍କୃତ)ର ନିର୍ଦ୍ଦେଶକ ଭାବରେ ସୁପରିଚିତ ଅଟନ୍ତି । ନିଶ୍ଚିତ ଭାବେ ଓଡ଼ିଆ ପରିବାର ପାଇଁ ଦର୍ଶନୀୟ ତଥା ଶିକ୍ଷଣୀୟ ହୋଇଛି ଓ ସମସ୍ତଙ୍କୁ ଆକୃଷ୍ଟ କରିବ ବୋଲି ଆଶା କରାଯାଏ । ଚଳଚିତ୍ରରେ ଅଭିନୟ କରିଥିବା କୁନା ତ୍ରିପାଠୀ ଓ ଅନ୍ୟାନ୍ୟ କଳାକାରଙ୍କ ସମେତ ଶିଶୁ କଳାକାରମାନଙ୍କ ଅଭିନୟ ମଧ୍ୟ ହୃଦୟସ୍ପର୍ଶୀ ହୋଇଛି ।

# କେ.କେ.ଆର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ କଳାରେ ଅପୂର୍ବ ସଫଳତା

ଭଦ୍ରକ: ଚଳିତ ବର୍ଷ ଯୁକ୍ତ ଦୁଇ କଳା ବିଭାଗରେ ସ୍ଥାନୀୟ କୁସୁନନଗରସ୍ଥ କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ +୨ ଉଚ୍ଚ ମାଧ୍ୟମିକ ବାର୍ଷିକ ପରୀକ୍ଷାଫଳ ଅପୂର୍ବ ସଫଳତା ଲାଭ କରିଛି । ମୋଟ ପରୀକ୍ଷା ଦେଇଥିବା ୧୧୮ଜଣ ଛାତ୍ରୀଙ୍କ ମଧ୍ୟରୁ ୩୬ ଜଣ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିବା ବେଳେ ମୋଟ ୧୧୧ଜଣ ଛାତ୍ରୀ ଏହି ପରୀକ୍ଷାରେ ପାସ କରିଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରତିଭା ପଣ୍ଡା ସର୍ବାଧିକ ୫୨୧ନମ୍ବର ଓ ଲକ୍ଷ୍ମୀ ବାଲମୁଚୁ ୪୯୮ ନମ୍ବର ରଖି ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି । ଚଳିତ ବର୍ଷର ବାର୍ଷିକ ଉଚ୍ଚ ମାଧ୍ୟମିକ ପରୀକ୍ଷା ଫଳ, ଅନୁଷ୍ଠାନର ଅଧ୍ୟାପକ/ଅଧ୍ୟାପିକା, କର୍ମଚାରୀ, ଛାତ୍ରୀ ଓ ଅଭିଭାବକଙ୍କ ମହଲରେ ବେଶ ଆନନ୍ଦ ଓ ଉତ୍ସାହ ଆଣି ଦେଇଛି । ସର୍ବୋଚ୍ଚ ନମ୍ବର ରଖିଥିବା ଦୁଇ ଛାତ୍ରୀଙ୍କୁ ଅନୁଷ୍ଠାନର ଅଧକ୍ଷ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ତରଫରୁ ଶୁଭେଚ୍ଛା ଜଣାଇଛନ୍ତି ।

# ଜଗବନ୍ଧୁ ଜରାଶ୍ରମ ତରଫରୁ ସଚେତନତା କାର୍ଯ୍ୟକ୍ରମ

ଭୁବନ : (ହି.ସ.) – ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ଜଗବନ୍ଧୁ ଜରାଶ୍ରମ' ଏବଂ ଓଡ଼ିଶା ସରକାରଙ୍କ ବନବିଭାଗ ଜରପଡ଼ା ବନାଂଚଳ, ଅନୁଗୁଳ ବନଖଣ୍ଡ ଙ୍କ ମିଳିତ ଉଦ୍ୟମ ରେ ହାତୀ - ମଣିଷ ବିବାଦ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜରପଡ଼ା ବାନାଂଚଳ ଅଧିନସ୍ଥ ଅନ୍ତୁଲିଆ, ପରା,ଉଗି, କଞ୍ଚରା, କତଡ଼ା ଗ୍ରାମ ଠାରେ ଏକ ବିଶାଳ ଜନସଚେତନତା ପାଇଁ ଘୋଡ଼ା ନାଚ/ପାଲା ଏବଂ ଦାସକାଠିଆ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଚାର କରାଯାଇଥିଲା । ସ୍ଥାନୀୟ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀ ସମୂହ, ସ୍ଥାନୀୟ ଯୁବକ ସଂଘର କର୍ମକର୍ତ୍ତା, ଜରପଡ଼ା ପତିତପାବନ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ରହି ସ୍ଥାନୀୟ ଜନ ସାଧାରଣଙ୍କୁ ଲିଫ୍ଲେଟ ଏବଂ ବିଭିନ୍ନ ସଚେତନତା ମୂଳକ ପଦକ୍ଷେପ ଗୁଡ଼ିକ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜରପଡ଼ା ବନାଂଚଳ ଅଧିକାରୀ ମାଧବ ଚନ୍ଦ୍ର ନାୟକ, ରିତାରାଣୀ ସେଠୀ, ଜ୍ୟୋସ୍ନା ରାଣୀ ନାୟକ ତଥା ସମସ୍ତ କର୍ମଚାରୀ ସକ୍ରିୟ ଭାବେ ଅଂଶଗ୍ରହଣ କରି ପାଂଚଟି ଗ୍ରାମର ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତିବିଶେଷଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷ ଭାଗରେ ହାତୀ ଏବଂ ମଣିଷର ଆଗାମୀ ଦିନରେ ସୁସମ୍ପର୍କ ଓ ହାତୀମାନଙ୍କ ସୁରକ୍ଷା ସମ୍ପର୍କୀୟ/ବୃକ୍ଷରୋପଣ କାର୍ଯ୍ୟକ୍ରମ ବନ୍ୟପ୍ରାଣୀ ଶିକାର ନକରିବା ପାଇଁ ଗ୍ରାମବାସୀ ଶପଥ ନେଇଥିଲେ । ଜଗବନ୍ଧୁ ଜରାଶ୍ରମ ର କାର୍ଯ୍ୟକର୍ତ୍ତା ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଅନୁଯାୟୀ ସାଧାରଣ ଜନତାଙ୍କୁ ଅବଗତି କରାଇଥିଲେ । ଅନୁଗୁଳ ବନଖଣ୍ଡ ଅଧିକାରୀ ନୀତିଶ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗବନ୍ଧୁ ଜରାଶ୍ରମର ସମ୍ପାଦକ ଆଶୁତୋଷ ମିଶ୍ର ଏବଂ ସ୍ୱେଚ୍ଛାସେବୀ ହିମାଂଶୁ ଶେଖର ବେହେରା କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ ।

# ମହୁମାଛି ଆକ୍ରମଣରେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

କନ୍ଧମାଳ : (ହି.ସ.)- କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ଅଭାବନୀୟ ଘଟଣା । ବ୍ୟାଡମିଂଟନ ଖେଳି ଘରକୁ ଯିବାବେଳେ ଘର ଦୁଆରେ ଜଗି ବସିଥିଲା ଜମ । ଘରେ ପଶିବା ପୂର୍ବରୁ ଘର ସାମ୍ନାରେ ମହୁମାଛି ଆକ୍ରମଣରେ ଚାଲିଗଲା ଯୁବ ବ୍ୟବସାୟୀଙ୍କ ଜୀବନ । ମୃତକ ବାଲିଗୁଡ଼ା ସହରର ଯୁବ ବ୍ୟବସାୟୀ ଖଜୁରୀନାଳ ସାହି ବାସିନ୍ଦା ବି. ମହେଶ୍ୱର ଦୋରା(ପିଂଟୁ) । ସୂଚନା ଅନୁଯାୟୀ, ପ୍ରତିଦିନ ଭଳି ଆଜି ମଧ୍ୟ ପିଂଟୁ ବ୍ୟାଡମିଂଟନ ଖେଳିବାକୁ ଯାଇଥିଲେ । ଖେଳି ସାରି ଘରକୁ ଫେରିଥିଲେ ପିଂଟୁ । କିନ୍ତୁ, ନିଜ ଘର ଆଗରେ ମହୁମାଛି ଆକ୍ରମଣର ଶିକାର ହୋଇ ତଳେ ପଡ଼ି ଚେତାଶୂନ୍ୟ ହୋଇଯାଇଥିଲେ । ପରିବାର ଲୋକେ ତାଙ୍କୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇ ଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ।

# ଦକ୍ଷତା ପ୍ରଶିକ୍ଷଣ ତାଲିମ ଶିବିର ଅନୁଷ୍ଠିତ

ଭଦ୍ରକ : ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ପୁରୁଷଣ୍ଡ ସମବାୟ ସମିତିକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଆଦର୍ଶ ସମବାୟ ସମିତିର ମାନ୍ୟତା ମିଳିଥିଲା । ଏହି ମାନ୍ୟତା ମିଳିବା ପରେ ସମିତିକୁ ୫ ଦିନିଆ ଦକ୍ଷତା ପ୍ରଶିକ୍ଷଣ ତାଲିମ ଦିଆଯାଇଛି । ମହାରାଷ୍ଟ୍ରର ପୁଣେ ବୈକୁଣ୍ଠ ନାଥ ମେହେଟା ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ କୋ-ଅପରେଟିଭ୍ ମ୍ୟାନେଜମେଂଟରେ ଏହି ଦକ୍ଷତା ତାଲିମ ଦିଆଯାଇଥିବା ବେଳେ ପୁରୁଷଣ୍ଡ ସେବା ସମବାୟ ସମିତିର ସଭାପତି ପ୍ରଶାନ୍ତ କୁମାର ଦାଶ ଓ ସମ୍ପାଦକ ରାଜେନ୍ଦ୍ର କୁମାର ବେଜ ଶିବିରରେ ଯୋଗଦେଇ ପ୍ରମାଣ ପତ୍ର ହାସଲ କରିଛନ୍ତି । ପରିଚାଳନା ଗତ ଶୃଙ୍ଖଳା ଓ କାର୍ଯ୍ୟଦକ୍ଷତା ପାଇଁ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଶୁଭକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ସଂଯୋଜିକା ବିଜୟଶ୍ରୀ ଏମ୍ ଭଗବତୀ, ମହାରାଷ୍ଟ୍ର ସମବାୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ତାନଜୀ ତାଉଡ଼େନୂତନ, ପ୍ରାଧ୍ୟାପକ ଡ଼ ରିଶିକେଶ କମଲକାର, ବିଜୟ ଗାୟକୱାଡ଼ଙ୍କ ପରିଚାଳନାରେ ଓଡ଼ିଶାରୁ ଯୋଗ ଦେଇଥିବା ୧୦ଟି ସମବାୟ ସମିତିର ୧୯ ଜଣଙ୍କୁ ଆଗାମୀ ପ୍ରକଳ୍ପ ସମ୍ବନ୍ଧରେ ପ୍ରଶିକ୍ଷଣ ସହ ଓଡ଼ିଶାର ଲୋକମାନଙ୍କୁ ସମବାୟ ସମିତି ସହ ଯୋଡ଼ି ହୋଇ ସରକାରୀ ଯୋଜନାରେ ସୁଫଳ ହାତେଇବାକୁ ଗୁରୁତ୍ୱାରୋପ କରାଯାଇଥିଲା । ଏହି ଅବସରରେ ପୁଣେର ରେହେଟାରେ ଥିବା ସରିଡ଼ି ଓ କାଷ୍ଟି ଆଦର୍ଶ ସମବାୟ ସମିତ ପରିଦର୍ଶନରେ ନିଆଯାଇ ସମିତିର ପରିଚାଳନା ଓ ଉନ୍ନତି କରଣ ବିଷୟରେ ତାଲିମ ଗ୍ରହଣକାରୀ ମାନଙ୍କୁ ଅବଗତ କରାଯାଇଥିଲା । ପ୍ରକାଶ ଥାଉକି, ଜିଲ୍ଲାର ପ୍ରମୁଖ ତଥା ସର୍ବବୃହତ ସମିତି ଭାବେ ପୁରୁଷଣ୍ଡ ସେବା ସମବାୟ ସମିତି ସେବା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିଭାଇ ପ୍ରଶଂସାର ପାତ୍ର ହୋଇ ପାରିଛି । ଶ୍ରୀ ଦାଶ ଓ ଶ୍ରୀ ବେଜଙ୍କୁ ଏହି ସମ୍ମାନ ଜନକ ପ୍ରମାଣପତ୍ର ହାସଲ ପରେ ତାଙ୍କୁ ବିଭିନ୍ନ ଆଡୁ ପ୍ରଶଂସା କରାଯାଇଛି ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର

ବଲାଙ୍ଗିର : (ହି.ସ.) – ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଗଲପୁର (ଡୁଡୁକା)ପଂଚାୟତ ସମିତି ବୈଠକ ଗୃହରେ ଅନୁଷ୍ଠିତ ହୋଇଥିଲା । ଏହି ଶିବିରରେ ସାଧାରଣ ଲୋକମାନେ ନିଜ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ସିଧାସଳଖ ଭାବରେ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ । ଏଥିରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଓ ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜି ବିଭିନ୍ନ ଅଂଚଳରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗ ଗୁଡ଼ିକୁ ଶୁଣିଥିଲେ । ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣାଣି କରି, ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଅଭିଯୋଗ ଗୁଡିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇ ଥିଲେ । ଶିବିରରେ ମୋଟ ୧୧୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିରୁ ୯୧ଟି ବ୍ୟକ୍ତିଗତ ଏବଂ ୨୫ଟି ସାମୂହିକ ଅଭିଯୋଗ ଥିଲା । ତତ୍ମଧ୍ୟରୁ ୨୦ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ ସିଂ ବରିହା, ଆଗଲପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ମହାପାତ୍ର କୁଳଦୀପ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଜନଶୁଣାଣି ପରେ ଜିଲ୍ଲାପାଳ ପଂଚାୟତ ସମିତି ପରିସରରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିଦର୍ଶନ କରିଥିଲେ । କେନ୍ଦ୍ର କିପରି ପରିଚାଳିତ ହେଉଛି ଏବଂ ଚାଷୀ କିପରି ଉପକୃତ ହୋଇ ପାରୁଛନ୍ତି ସେ ସମ୍ପର୍କରେ ପଚାରି ବୁଝିଥିଲେ । ଏହାପରେ ଆଗଲପୁର (ଡୁଡୁକା) ପାଠାଗାର ଯାଇ ସେଠାକାର ସ୍ଥିତି ଅନୁଧ୍ୟାନ କରିବା ସହ ବିଦ୍ୟାର୍ଥୀଙ୍କ ଭଲମନ୍ଦ ବୁଝିଥିଲେ ।

# ପ୍ରହସନ ପାଲଟିଛି ପଲିଥିନ କଟକଣା, ପ୍ରଶାସନ ଚଢ଼ଉ କରିବାକୁ ଦାବି

ଜୟପୁର : (ହି.ସ.)- ଅକ୍ଟୋବର ୨ ତାରିଖ ଗାନ୍ଧି ଜୟନ୍ତୀରୁ ଓଡ଼ିଶା ସରକାର ପଲିଥିନ ବିକ୍ରି ଓ ବ୍ୟବହାର ଉପରେ ଅଙ୍କୁଶ ଲଗାଇଥିଲେ । ଉଦ୍ଦେଶ୍ୟ ଥିଲା ପଲିଥିନର ବିପଦଜ୍ଜନକ ବ୍ୟବହାରକୁ ରୋକିବା । କିନ୍ତୁ, ସରକାରଙ୍କ ଏହି ନିର୍ଦ୍ଦେଶନାମା କୋରାପୁଟ ଜିଲ୍ଲାରେ ପ୍ରହସନ ପାଲଟିଛି । ବିଭିନ୍ନ ଦୋକାନ, ବଜାରରେ ପଲିଥିନ ଖୁଲମଖୁଲ୍ଲା ବିକ୍ରି ଚାଲିଛି । ମଝିରେ ମଝିରେ ଔପଚାରିକତା ପୂରଣ ପାଇଁ ଚଢଉ କରାଯାଉଛି । ଆଗକୁ ଏଥିପ୍ରତି ଧ୍ୟାନ ଦିଆନଗଲେ ଯଥା ପୂର୍ବଂ ତଥା ପରଂ ସ୍ଥିତି ସୃଷ୍ଟି ହେବା ଅବଶ୍ୟମ୍ଭାବୀ ବୋଲି ଆଲୋଚନା ହେଉଛି । ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୧୯ ସେପ୍ଟେମ୍ବର ୩୦ରେ ପଲିଥିନ ବ୍ୟାନ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରାଯାଇଥିଲା । ଏଥିରେ ଉଲ୍ଲେଖ ଥିଲା ଯେ, ଯେଉଁ ପଲିଥିନ ଗୁଡିକ ଠିକ ଭାବେ ନଷ୍ଟ ଅର୍ଥାତ୍ ଖତ ହୋଇପାରୁଛି ସେଗୁଡିକ ବ୍ୟବହାର ଉପଯୋଗୀ । ଅବଶିଷ୍ଟ ପଲିଥିନ ବ୍ୟବହାର ଉପଯୋଗୀ ନୁହେଁ । ତେଣୁ ଏହି ପଲିଥିନ ଗୁଡିକର ଉତ୍ପାଦନ ହୋଇପାରିବ ନାହିଁ । ଯଦି କେଉଁଠି ରହିଯାଇଛି ତେବେ ତାହାର କିଣା, ବିକା ଉପରେ ଅଙ୍କୁଶ ଲଗାଯାଇଛି । ଏପରିକି ପ୍ଲାଷ୍ଟିକ ଥାଳି, ଚାମଚ, ଗିନା, କପ, ପ୍ଲେଟ, ଗ୍ଲାସ ଆଦି ମଧ୍ୟ ବ୍ୟବହାର ହୋଇପାରିବ ନାହିଁ । ଯେଉଁ ପଲିଥିନ ର ସ୍ଥୁଳତା (ଥିକନେସ୍) ୫୦ ମାଇକ୍ରନ୍ ତଳକୁ ଥିବ ତାହା ବ୍ୟବହାର ଉପଯୋଗୀ ନୁହେଁ । କେବଳ କ୍ଷୀର କିମ୍ବା ଅନ୍ୟ ଔଷଧୀୟ ସାମଗ୍ରୀ ରଖିବା ପାଇଁ ଉପଯୁକ୍ତ ମାନର ପଲିଥିନ ବ୍ୟବହାର କରାଯାଇପାରେ । ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଥିଲା । ଏହି କଟକଣା ଲାଗୁପରେ ଜିଲ୍ଲାରେ ପ୍ରଥମେ କିଛି ଦିନ ନିର୍ଦ୍ଦେଶନାମାକୁ ଠିକ ଭାବେ ପାଳନ କରାଯାଇଥିଲା । କିନ୍ତୁ, ପରବର୍ତ୍ତୀ ସମୟରେ ତାହା ଫାଇଲ ଭିତରେ ଚାପି ହୋଇଯାଇଛି । ବିଶେଷ କରି କୋରାପୁଟ ଜିଲାର ଜୟପୁର ସହର, କୋଟପାଡ, ସେମିଳିଗୁଡା, ବୈପାରିଗୁଡା, ବୋରିଗୁମ୍ମା, କୋରାପୁଟ, କୁନ୍ଦୁରାରେ ଅବାଧରେ ଚାଲିଛି ପଲିଥିନ ବିକ୍ରି । ପାନ ଦୋକାନ ଠାରୁ ଆରମ୍ଭ କରି ରାଶନ ଦୋକାନ, ଷ୍ଟେସନାରୀ ଦୋକାନ, ଜଳଖିଆ ଦୋକାନ, ପରିବା ଦୋକାନ ମାନଙ୍କରେ ବହୁଳ ମାତ୍ରାରେ ପଲିଥିନ କାରବାର ଖୋଲାଖୋଲି ଚାଲିଛି । ପଲିଥିନରେ ବରା, ପିଆଜି, ଉପମା, ତରକାରି, ଗୁପଚୁପ, ଚାଟ, ଚାଉମିନ ଧରି ଲୋକମାନେ ଯାଉଥିବା ବେଳେ ସବୁଠାରୁ ବଡ କଥା ହେଲା ମନ୍ଦିରରେ ଅନ୍ନ ଭୋଗ ବିକ୍ରୟ କରାଯାଉଛି । ସେଠାରେ ପଲିଥିନରେ ଅନ୍ନ, ଡାଲି, ଡାଲମା, ବେସର, ଖଟା, ତରକାରି ପଲିଥିନରେ ଦିଆଯାଉଛି । ପଲିଥିନରେ ଭୋଗ ସାମଗ୍ରୀ ସହ ଫୁଲ, ଫଳ କଦଳୀ, କାକୁଡି, ଲେମ୍ବୁ ଓ ଇଲେକ୍ଟ୍ରି ସାମଗ୍ରୀ ସବୁ ଦିଆଯାଉଛି । ମାଛ ଦୋକାନରେ ପଲିଥିନରେ ମାଛ ଓ ଅଣ୍ଡା ଦୋକାନରେ ଅଣ୍ଡା ଦିଆଯାଉଥିବା ବେଳେ ଚା' ଦୋକାନରେ ଚା' ମଧ୍ୟ ପଲିଥିନରେ ଗ୍ରାହକଙ୍କୁ ଦିଆଯାଉଛି । ସାହି ଗଳି କନ୍ଦି ଓ ଛକ ମାନଙ୍କରେ ପଲିଥିନ ପଡିଥିବାର ଦେଖାଯାଉଛି । ରାଜ୍ୟ ସରକାର ପ୍ରଥମେ ଯେତେବେଳେ ପଲିଥିନ ବ୍ୟାନ ଘୋଷଣା କରିଥିଲେ, ସେତେବେଳେ କିଛିଦିନ ଏହାର ବ୍ୟବହାର ଉପରେ ଅଙ୍କୁଶ ଲାଗିଥିଲା । ପରବର୍ତ୍ତୀ ସମୟରେ ପୂର୍ବପରି ପଲିଥିନ ବ୍ୟବହାର ହେବାରେ ଲାଗିଛି । ସରକାର ପଲିଥିନ ଉତ୍ପାଦନ ଉପରେ ଅଙ୍କୁଶ ଲଗାଉନଥିବାରୁ କାରବାର ବନ୍ଦ ହୋଇପାରୁନାହିଁ । ଅନ୍ୟପକ୍ଷରେ ଜୟପୁର ସହରରେ ପୌରସଂସ୍ଥା ପକ୍ଷରୁ ପଲିଥିନ ବନ୍ଦ ପାଇଁ ଏନଫୋର୍ସମେଂଟ କମିଟି ଗଠନ କରାଯାଇଥିଲା । କିନ୍ତୁ, ଏହା କେବଳ କାଗଜକଲମରେ ସିମୀତ ବୋଲି କୁହାଯାଉଛି । ଚଢଉ ହେଉନଥିବାରୁ ପଲିଥିନ ପୂର୍ବପରି ବ୍ୟବହୃତ ହୋଇଚାଲିଛି । ଏନେଇ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଏନେଇ ପ୍ରଶାସନ ତରଫରୁ ଚଢ଼ଉକୁ ଜୋରସୋର୍ କରିବାକୁ ଦାବି ହୋଇଛି । ବାରମ୍ବାର ଦାବି ହେବା ପରେ ଗତ ୨୦ ତାରିଖରେ ଜୟପୁର ପୌରପାଳିକା ପକ୍ଷରୁ ସହରର ପ୍ଲାଷ୍ଟିକ ଜରି ବିକ୍ରି କରୁଥିବା ୨ଟି ଦୋକାନରେ ଚଢଉ କରି ପଲିଥିନ ଜବତ କରିଥିବା ଜଣାପଡିଛି । ପୌର ଟିମ୍ ଦୈନିକ ବଜାର, ବେଲରୋଡ ଏବଂ ଏମଜିରୋଡ ରେ ଥିବା ପଲିଥିନ ଦୋକାନ ଉପରେ ଚଢ଼ଉ କରିଥିଲେ । ୨ଟି ଦୋକାନରୁ ମୋଟ୍ ୭ ହଜାର ଟଙ୍କା ଆଦାୟ କରିଥିବା ସୂଚନା ଦେଇଛନ୍ତି ।

# ମୁଣ୍ଡାରୀ ୟୁଟ୍ୟୁବ,ପ୍ରଡ୍ୟୁସର ଏବଂ ଆର୍ଟିଷ୍ଟ ଆସୋସିଏସନର ବାର୍ଷିକ ଉତ୍ସବ ଏବଂ ମୁଣ୍ଡାରୀ ଭବ୍ୟ ସମ୍ମାନ ସମାରୋହ

ବାରିପଦା : ସ୍ଥାନୀୟ ସହିଦ୍ ସ୍ମୃତି ଭବନ ଠାରେ ମୁଣ୍ଡାରୀ ୟୁଟ୍ୟୁବ୍, ପ୍ରଡ୍ୟୁସର ଏବଂ ଆର୍ଟିଷ୍ଟ ଆସୋସିଏସନ ( ମାଏପା ) ର ତୃତୀୟ ବାର୍ଷିକ ଉତ୍ସବ ଓ ମୁଣ୍ଡାରୀ ଭବ୍ୟ ସମ୍ମାନ ସମାରୋହ ଧୁମ୍ ଧାମ୍ ରେ ପାଳିତ ହୋଇଯାଇଛି ଓ ଏହି ଉତ୍ସବରେ ଓଡିଶା ସମେତ ଝାରଖଣ୍ଡ, ପଶ୍ଚିମବଙ୍ଗ ଓ ଆସାମର ବହୁ ମୁଣ୍ଡାରୀ କଳାକାର, ପ୍ରଯୋଜକ ଓ ୟୁଟ୍ୟୁବର, ଯୋଗ ଦେଇଥିଲେ ଓ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆଦିବାସୀ ରୀତି ନୀତି ଅନୁସାରେ ମୁଣ୍ଡା ଆଦିବାସୀ ମାନଙ୍କର ଆରାଧ୍ୟ ଦେବାଦେବୀ ଏବଂ ଆଦିବାସୀ ମୁଣ୍ଡା ମହା ପୁରୁଷ ମାନଙ୍କୁ ପୂଜା ଅର୍ଚ୍ଚନା ଏବଂ ସ୍ମରଣ କରିବା ପରେ ପାରମ୍ପରିକ କାରାମ୍ ଗୀତ ଗାଇ ଓ ନାଚି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ମୁଣ୍ଡାରୀ ଭବ୍ୟ ସମ୍ମାନ ସମାରୋହ ର କାର୍ଯ୍ୟକ୍ରମ ଅନୁସାରେ ୨୦୨୫-୨୬ ବର୍ଷର ପଞ୍ଜୀକୃତ ମୁଣ୍ଡାରୀ ଆଲବମ୍ ଗୀତ ମଧ୍ୟରୁ ଶ୍ରେଷ୍ଠ ମୁଣ୍ଡାରୀ ଗୀତିକାର ଭାବରେ ରାଜେସ୍ ଇଲୁ , ସଙ୍ଗୀତଜ୍ଞ ଭାବରେ ସାଇ ସୁଭଙ୍କର , ଗାୟକ ଭାବରେ ବବୀ ସିଂ, ଗାୟିକା ଭାବରେ ପରାୟିନୀ ସୋରେନ୍ ,ନୃତ୍ୟ ନିର୍ଦ୍ଦେଶକ ଭାବେ ସିଂ ଷ୍ଟାର୍ ହାଂସୁ ,ନିର୍ଦ୍ଦେଶକ ଭାବରେ ସମଲ୍ ସିଂ , ଅଭିନେତା ଭାବେ ମନୋରଂଜନ୍ ସିଂ, ଅଭିନେତ୍ରୀ ଭାବେ ଗୀତା ସିଂ, ମେକଅପ୍ କଳାକାର ଭାବେ ମାନସୀ ସିଂ, ପୋଷାକ ସଜ୍ଜାକାର ଭାବେ ବିଶାଲ୍ ଗୋପ୍ , ପୋଷ୍ଟର ଡିଜାଇନର୍ ଭାବେ ଲଣ୍ଡରଓକଲଓ, ଲୋକପ୍ରିୟ ସଂଗୀତ ଭାବେ "ପ୍ରିୟା ରେ" ଜଉ ଗୀତ ରେ ବର୍ତମାନ ର ଭାଇରାଲ୍ ଗାୟକ ଆଦିଦେବ୍ ଆଉ ଗାୟିକଓ ମାମା ସ୍ୱର ଦେଇଛନ୍ତି, ଲୋକପ୍ରିୟ ଗଟଝଓଡ ଠଓଉରଢ ଭାବରେ "ଝିପିର୍ ଝିପିର୍" ଆଲବମ୍ ପୁରସ୍କୃତ ହୋଇ ଥିଲା, ଜଉଥିରେ ଯୁବ ଅଭିନେତା ରବିନ୍ଦ୍ର ଏବଂ ଅଭିନେତ୍ରୀ ସମୀକ୍ଷା ଉଚ୍ଚ କୋଟିର ନୃତ୍ୟ ପ୍ରଦର୍ସନ କରି ଛନ୍ତି ଓ **Cinematographer** ଭାବ ରେ ସାନୁ ମୁଣ୍ଡା , **Editor/DI** ଭାବ ରେ ଆଦି ଦୀପକ୍ ଗଡସରଓ ଏମିତି ଅନେକ କଳାକାର ମାନଂକୁ ମାନପତ୍ର ସହିତ ସମ୍ମାନିତ କରା ଯାଇ ଥିଲା ଏବଂ ଲଘୁ ଚଳଚ୍ଚିତ୍ର "ଦାଦନ୍" କୁ ଶ୍ରେଷ୍ଠ ମୁଣ୍ଡାରୀ ଲଘୁ ଚଳଚ୍ଚିତ୍ର ଭାବେ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା । ସେହିଭଳି ପ୍ରଥମ ମୁଣ୍ଡାରୀ ଚଳଚ୍ଚିତ୍ର 'ଚାଣ୍ଡାଂଏ ମାଳାଂ ତେ ମିସା ହେତାୟ୍ ମେଂ' ର ଅଭିନେତା, ଅଭିନେତ୍ରୀ ଓ ନିର୍ଦ୍ଦେଶକ ଙ୍କୁ ସମ୍ମାନିତ କରାଯାଇଥିଲା ଓ ପାରମ୍ପରିକ ନୃତ୍ୟ ଦଳ ସେନ୍ ଗେ ସୁସୁନ୍ କାଜୀ ଗେ ଦୁରାଂ, ସାଲବନୀ, ଭଗବାନ୍ ବିର୍ସା ମୁଣ୍ଡା



କାରାମ୍ ଜାଦୁର୍ ସୁସୁନ୍ ଦଳ, ଝିନେଇ, ଲଦବନୀ, ମୁଣ୍ଡାରୀ ସାସାଂକିର୍ ସାଓନର୍ ଗୁଟ୍ମାମ୍ , କୁଣ୍ଡଳ ବନୀ ଭଳି ଅହୁରୀ ଅନେକ୍ ନୃତ୍ୟ ଦଳ କୁ ସମ୍ମାନୀତ କରା ଯାଇ ଥିଲା ଓ ସମ୍ମାନୀତ କରା ଯାଇ ଥିବା ନାଟକ ଦଳ ମଓନଂକ ମଧ୍ୟ ରେ ଧାର୍ତୀ ମା ମୁଣ୍ଡାରୀ ଅପେରା କୁଚିଆମାରା, କିସନ୍ ଡାହୀ, ବୁରୁ ବିର୍ସା ମୁଣ୍ଡାରୀ ଅପେରା ଝିନେଇ,ତାରାକୁଡୀ, ଲେପେଲ୍ ନାପାମ୍ ମୁଣ୍ଡାରୀ ଅପେରା ଜଗନ୍ନାଥପୁର୍, ମା ଚିନ୍ତାମଣି ମୁଣ୍ଡାରୀ ଅପେରା ଅସ୍ଥଝରନ୍, ତାୟାନ୍ ବୁରୁ ବଂଗା ମଦିଲ୍ ମୁଣ୍ଡାରୀ ଅପେରା, ଖଡେଆ ବାସା,ସୋନା ସିଂଦୁରୀ ମୁଣ୍ଡାରୀ ଅପେରା, ଝୁରା ଡି ପ୍ରଭୃତି ମୁଣ୍ଡାରୀ ଅପେରା ଦଳ କୁ ସମ୍ମାନିତ୍ କରା ଯାଇ ଥିଲା ।ଏହି ମୁଣ୍ଡାରୀ ଭବ୍ୟ ସମ୍ମାନ ସମାରୋହ ରେ **Insta creator** ସିବସଂକର୍ ସିଂକ ତତ୍ତ୍ୱାବଧାନ୍ ରେ ମୁଣ୍ଡା ଯୁବକ ଯୁବତିଂକ ଦ୍ୱାରା ଗୋଟିଏ ବହୁ ସୁନ୍ଦର୍ ପାରମ୍ପରିକ ଜବଙ୍କକ୍ତ୍ର ଝଷକ୍ଟଙ୍ଗ ପ୍ରଦର୍ସନ୍ କରା ଯାଇ ଥିଲା; ଯାହା ସମସ୍ତଂକ ମନ ମୋହି ନେଇ ଥିଲା ଓ ସଂଗଠନ ଦ୍ୱାରା ଅୟୋଜିତ ହୋଇଥିବା ପ୍ରଥମ ପର୍ଯ୍ୟାୟ **Instagram Reels** ପ୍ରତିଯୋଗୀତା ' ଆବୁଆଃ ପରବ୍ ପୁନାଇଁ ଆବୁଆଃ ଚିନା ଅର୍ଥାତ୍ ଆମର ପର୍ବ ପର୍ବାଣୀ ଆମର ପରିଚୟ ' ବିଷୟ କୁ ନେଇ ଅନୁଷ୍ଠିତ ପ୍ରତିଯୋଗୀତା ରେ ପ୍ରଥମ, ଦ୍ୱିତୀୟ , ତୃତୀୟ, ଚତୁର୍ଥ ପୁରସ୍କାର ପାଇଥିବା ବିଜେତାଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ସେହିପରି ୨ୟ ପର୍ଯ୍ୟାୟ **Instagram Reels** ପ୍ରତିଯୋଗୀତା ରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପୁରସ୍କାର ବିଜେତାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା ଓ ତା ସାହିତ ବହୁ ଆଲବମ ନିର୍ମାତା, ଉଦୟମାନ ପ୍ରତିଭା କଳାକାର, ୟୁଟ୍ୟୁବର ଓ ଡିଜିଟାଲ କଂଟେଟ ତିଆରିକାରୀ ମାନଙ୍କୁ ସମ୍ମାନିତ କରାଯାଇଥିଲା ।ଉତ୍ସବରେ ଓଡିଶା ର ମୁଣ୍ଡାରୀ ଆକଶ୍ ବାଣୀ ଗାୟକ ସଂକର୍ ସିଂ,ସରୋଜିନୀ , ଉଲଗୁଲାନ୍ ସିଂଗର ମଂଗଲ୍ ସିଂ, କବିତା, ସୁକାନ୍ତି,ଦିପୁ, ପରାୟିନୀ ସୋରେନ୍ ସମେତ ଝାରଖଣ୍ଡ ରୁ ସୁକୁରାମ୍ ପହାନ୍( **International Folk Singer**), ସୁଗୁନା ପୁର୍ତି , ସାନିକା ଟୁଟୀ , ବୋଧ ମୁଣ୍ଡା, ସୁକୁ ମଣି ମୁଣ୍ଡା ଏମିତି ଅନେକ୍ ଗାୟକ ସଂଗୀତ ଗାନ କରି ଥିଲେ ଏବଂ ସୁପର୍ ଷ୍ଟାର୍ ସମଲ୍, ହାଂସୁ,ଓପୁ , ସିବନ୍ ମରଣ୍ଡି ସହିତ ଅଭୀନେତ୍ରୀ ଗୀତା, ଶ୍ରୀଦେବୀ, ଲଛମୀ,ସିଂକି, ସୀମା ଏମିତି ଅନେକ୍ କଳଓକାର ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ ଓଏହା ବ୍ୟତିତ ଏଥିରେ ବହୁ ଫିଲ୍ମ ,ଆଲବମ୍, ଯାତ୍ରା ନିର୍ମାତା, ପ୍ରଯୋଜକ, ଲେଖକ, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ, ସଙ୍ଗୀତଜ୍ଞ, ଗାୟକ, ଗାୟିକା, କଳାକାର, ୟୁଟ୍ୟୁବର ଓ ଡିଜିଟାଲ କଂଟେଟ ତିଆରିକାରୀ ମାନେ ଯୋଗ ଦେଇଥିଲେ । ଉତ୍ସବର ମଧ୍ୟନ୍ତର ରେ ମୁଖ୍ୟ ଅତିଥି ମଦନ ସିଂ, ଅର୍ଥ ପରାମର୍ଶଦାତା ତଥା ଅତିରିକ୍ତ ଶାସନ ସଚିବ, ଶିକ୍ଷ ବିଭାଗ , ଓଡିଶା ସରକାର, ମୁଖ୍ୟ ବକ୍ତା ବୋଧ ମୁଣ୍ଡା, ବିଶିଷ୍ଟ ସମାଜ ସେବି, ପ୍ରଯୋଜକ ଓ ଲେଖକ , ଝଓରଖଣ୍ଡ, ସମ୍ମାନିତ ଅତିଥି ଭାନୁମତୀ ସିଂ , ଲେଖିକା, ଗୀତିକାର, ଗାୟିକା ତଥା ସମାଜସେବୀ , ଇଂ ଦୁର୍ଗା ସଂକର୍ ସିଂ, ପ୍ରଯୋଜକ, ଇଂ ସୁନାରାମ ସିଂ ସିଲି, ସାଧାରଣ ସମ୍ପାଦକ, ମୁଣ୍ଡାରୀ ଭାଷା ସମନ୍ୱୟ ସମିତି , ବିରବଲ୍ ସିଂ, ଆବାହାକ୍ ମୁଣ୍ଡାରୀ ଭାଷା ସମନ୍ୱୟ ସମିତି, ମୁଣ୍ଡାରୀ ଚଳଚିତ୍ର ନିର୍ଦ୍ଦେଶକ୍ ବିଲକଓନ୍ ପ୍ରଭୁଦୟାଲ୍ ନାଗ୍, ଅଭିଜ୍ଞ କଳାକାର୍ ଦଶରଥ ସିଂ, ମୁଣ୍ଡାରୀ ଚଳଚିତ୍ର ନିର୍ମାତା ରସାନନ୍ଦ ସିଂ, ମାଏପା ର ସଭାପତି ରବିନ୍ଦ୍ର ନାଥ ସିଂ ଜାଳେୟା , ଉପସଭାପତି ଗୀତା ସିଂ ଏବଂ ମାଏପା ର ସମସ୍ତ ପଦାଧିକାରୀ ମନଂକ ଦ୍ୱାରା "ସାଏ ସାଏ ତେ" ଏବଂ "ରପଦ ବା" ନାମକ ଦୁଇଟି ପୁସ୍ତକ ର ଉନ୍ମଚନ କରା ଯାଇ ଥିଲା ଓ । ମାଏପା **IT Cell** ର ହେଡ୍ ପ୍ରେମାନସୁ ଶେଖର୍ ସିଂକ ଦ୍ୱାରା **design** କରା ଯାଇ ଥିବା **website my paa world. com** ର ମଧ୍ୟ ସମସ୍ତଂକ ଉପସ୍ଥିତି ରେ ଉନ୍ମଚନ କରା ଯାଇ ଥିଲା । ପରିଶେସରେ ମାଏପା ର ସଂଗଠକ ରବିନ୍ଦ୍ର ନାଥ ସିଂ କୋଚା ଧନ୍ୟବାଦ ଅର୍ପଣ କରିଥିଲେ ଓ ଏଥିରେ ସଂଗଠନର ସହ ସମ୍ପାଦକ ଲକ୍ଷମି ରାମ୍ ସିଂ,ସମ୍ପାଦକ ଗୌର ସିଂ, କୋଷାଧ୍ୟକ୍ଷ ନାଥ ସିଂ ବାରୁ,ଉପ କୋଷାଧ୍ୟକ୍ଷ ଦୀପୁ ସିଂ, ପ୍ରିଂଟ୍ ମିଡିଆ ସମ୍ପାଦକ ବାଜୀ ସିଂ, ନାଟ୍ୟ ସମ୍ପାଦକ ସତ୍ୟରଂଜନ୍, ସଂଗୀତ୍ ସମ୍ପାଦକ ଜଗୁଆ, **IT Cell** ସିଲୁ ସିଂ ସହିତ ମହେଶ୍ୱର ସିଂ ଓ ଅଜିଦା **BRS** ସମେତ ଅନ୍ୟ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ଖୋର୍ଦ୍ଧାରେ ନବବଧୂଙ୍କ ହତ୍ୟା ଅଭିଯୋଗ

ଖୋର୍ଦ୍ଧା :(ହି.ସ.) ଖୋର୍ଦ୍ଧା, ପାଦରୁ ଅଳତା ଲିଭିବା ଆଗରୁ ନବବଧୂର ଜୀବନ ଦୀପ ସବୁଦିନ ପାଇଁ ଲିଭିଗଲା । ଏଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଅଧିନ ତରାପି ଗ୍ରାମରେ । ମୃତକ ପୁର୍ଣମା ତରାଇଙ୍କ ବାପଘର ଘର ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ହରିପୁର ପଂଚାୟତ ଅଧିନ ପରବଳ ଗ୍ରାମରେ । ଗତ ୨୭/୪/ ୨୬ରେ ମୃତକ ତରାପି ଗ୍ରାମର ଗୁରୁଚରଣ ତରାଇଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ସବୁ ଠିକଠାକ ଥିବା ବେଳେ ଗତକାଲି ନବବଧୂ ଶାଶୂଘରେ ବେକରେ ରାଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୁ ଘର ଲୋକ କହୁଥିବା ବେଳେ ବାପଘର ଲୋକ ଅଭିଯୋଗ ଆଣିଛନ୍ତି ଝିଅକୁ ହତ୍ୟା କରିଛନ୍ତି ସ୍ୱାମୀର ପରିବାର ଲୋକେ । ଟାଙ୍ଗୀ ପୋଲିସ ସହିତ ଖୋର୍ଦ୍ଧା ରୁ ଆସିଥିବା ସାଇଂଟିଫିକ ଟିମ ତଦନ୍ତ ଆରମ୍ଭ କରିଛି । ଅନ୍ୟ ପଟେ କାନ୍ଦ ବୋବାଳିରେ ଫାଟି ପଡୁଛି ଗାଁ ଦାଣ୍ଡ । ନବବଧୂ ଙ୍କ ଅଭିଯୋଗ ଝିଅକୁ ମାରି ଟଙ୍ଗେଇ ଦେଇଛନ୍ତି । ଏଣୁ ପୋଲିସ ସଠିକ ତଦନ୍ତ କରି ଦୋଷୀକୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି ଝିଅର ପରିବାର ଓ ଗ୍ରାମବାସୀ ।

